ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.218 Bhubaneswar Friday October 06 2023 | ୨୬ତମ ବର୍ଷ ସଂଖ୍ୟା–୨୧୮ ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୦୬, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


# କଟକ ବଡ ଡାକ୍ତରଖାନା ଆଇସିୟୁରେ ବାଜିବ ଭଜନ !




ଭୁବନେଶ୍ୱର,୫।୧୦(ପି.ଏନ): କଟକ ବଡ ମେଡିକାଲ୍‌ରେ ରୋଗୀଙ୍କୁ ଦିଆଯିବ ମ୍ୟୁଜିକ୍ ଥେରାପି। ତାହା ପୁଣି ଆଇସିୟୁରେ। ମେଡିକାଲ୍‌ର ବିଭିନ୍ନ ବିଭାଗର ଆଇସିୟୁ ଓ ଆଇସିୟୁ ୱାର୍ଡରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ୨୪ ଘଣ୍ଟା ଦିଆଯିବ ମ୍ୟୁଜିକ୍ ଥେରାପି। ବାଜିବ ଭଜନ! ଏଥିରେ କୌଣସି ନିର୍ଦ୍ଦିଷ୍ଟ ଭଜନ ବାଜିବ ନାହିଁ। କେବଳ ଇନ୍‌ଷ୍ଟ୍ରୋମେଣ୍ଟାଲ୍ ମ୍ୟୁଜିକ(ବାଦ୍ୟଯନ୍ତ୍ର ଧ୍ୱନୀ) ବାଜିବ। ବୁଧବାର ବସିଥିବା ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଦୁଇ ମାସ ଭିତରେ ଏହି ସେବା କାର୍ଯ୍ୟକାରୀ କରିବା ପାଇଁ ଯୋଜନା ରଖାଯାଇଛି।ମ୍ୟୁଜିକ ଥେରାପି ନେଇ ଏସ୍‌ସିବି ମେଡିକାଲ୍ କୁଳସଚିବ ଡାକ୍ତର ଅବିନାଶ ରାଉତ କହିଛନ୍ତି, ରୋଗୀମାନଙ୍କୁ ଭଲ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ପ୍ରତି ଦୁଇ ମାସରେ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ ବସୁଛି। ଏଥର ବୁଧବାର ବସିଥିଲା ବୈଠକ। ଏଥିରେ ମେଡିକାଲ୍ ସୁପାରିନ୍‌ଟେଣ୍ଡେଣ୍ଟ, ଡିନ୍, ପ୍ରଫେସର, ସ୍ୱାସ୍ଥ୍ୟ ବିକାଶ ସମିତିର ଚ୍ୟାକରମ୍ୟାନ୍ ତଥା ସିଏମ୍‌ସି କମିଶନର ଯୋଗଦେଇଥିଲେ। ଆଲୋଚ୍ନା ବେଳେ ଆଇସିୟୁରେ ଇନ୍‌ଷ୍ଟ୍ରୋମେଣ୍ଟାଲ୍ ମ୍ୟୁଜିକ୍ ବଜାଇବା ପାଇଁ କିଛି ସଭ୍ୟ ଯୁକ୍ତି ବାଢ଼ିଥିଲେ। ଇନ୍‌ଷ୍ଟ୍ରୋମେଣ୍ଟାଲ୍ ମ୍ୟୁଜିକ୍ ରୋଗୀ ସୁସ୍ଥ ହେବାରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ ପାଇଥିଲା। ଏହା ଉପରେ ତର୍ଜମା କରାଯିବା ପରେ ପ୍ରତ୍ୟକ ବିଭାଗରେ ଥିବା ଆଇସିୟୁରେ ଇନ୍‌ଷ୍ଟ୍ରୋମେଣ୍ଟାଲ୍ ମ୍ୟୁଜିକ୍ ବଜାଇବା ପାଇଁ ନିଷ୍ପତ୍ତି ହୋଇଛି। ମାସେ ଭିତରେ କାମସାରିବାକୁ ସ୍ୱାସ୍ଥ୍ୟ ବିକାଶ ସମିତି ଚେୟାରମ୍ୟାନ୍ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଡାକ୍ତର ରାଉତ କହିଛନ୍ତି।

## ୯ ତାରିଖ ପରେ ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ ପାଗ ଅନୁକୂଳ

ଭୁବନେଶ୍ୱର,୫।୧୦(ପି.ଏନ): ଓଡ଼ିଶାରୁ ଫେରିଯିବ ମୌସୁମୀ। ୯ ତାରିଖ ପରେ ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ ପାଗ ଅନୁକୂଳ ହୋଇଛି । ଆସନ୍ତା ୫ ଦିନ ଯାଏଁ ରାଜ୍ୟରେ ବଡ ବର୍ଷାର ସମ୍ଭାବନା ନାହିଁ । ତାପମାତ୍ରା ବୃଦ୍ଧି କରିବ ଶୁଖିଲା ପାଗ । ସ୍ୱାଭାବିକ ଠାରୁ ୧ ରୁ ୨ ଡିଗ୍ରୀ ବଢ଼ିବ ପାରଦ । ଆଜି ଓ କାଲି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ହାଲୁକା ବର୍ଷା ସମ୍ଭାବନା ଥିବା ବେଳେ ୭ ତାରିଖରୁ ସାରା ଓଡ଼ିଶାରେ ଶୁଖିଲା ପାଗ ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର।ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଦୁର୍ବଳ ହେବା ପରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି। କାଲି ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡରେ ହାଲୁକା ବର୍ଷା ହେବ। ୭ ତାରିଖରୁ ବର୍ଷାର ପରିମାଣ କମିବା ସହ ଅଧିକାଂଶ ସ୍ଥାନରେ ପାଗ ଶୁଖିଲା ରହିବ।

# ରିଲ୍ କରି ଦେଖାଇଲେ ଚୋରି ଟଙ୍କା, ଧରିପକାଇଲା ପୁଲିସ୍





ଭୁବନେଶ୍ୱର,୫।୧୦(ପି.ଏନ): ଆଜିକାଲି ବହୁ ଲୋକ ରିଲ୍ କରୁଛନ୍ତି। ସୋଶାଲ ମିଡିଆରେ ବିଭିନ୍ନ ପ୍ରକାରର ରିଲ୍ ଦେଖିବାକୁ ମିଳିଛି। ହେଲେ କେବେ ଚୋରମାନେ ଚୋରି ଜିନିଷକୁ ନେଇ ରିଲ୍ କରିବାର ଦେଖିଛନ୍ତି କି କାନପୁରରେ କିଛି ଚୋର ଚୋରି ଟଙ୍କାକୁ ନେଇ ରିଲ୍ କରିଛନ୍ତି। ଆଉ ଏହା ସେମାନଙ୍କ ପାଇଁ ଖୁବ୍ ମହଙ୍ଗା ପଡିଛି। କାରଣ ଏହି ରିଲ୍ ଯୋଗୁ ସେମାନଙ୍କ ପାଖରେ ପହଞ୍ଚି ଯାଇଛି ପୁଲିସ୍। ସେମାନଙ୍କ ମଧ୍ୟରୁ ଜଣେ ଗିରଫ ହୋଇଥିବା ବେଳେ ପୁଲିସ୍ ଜବତ କରିଛି ନଗଦ ୨ ଲକ୍ଷ ଟଙ୍କା ଓ ଦୁଇଟି ମୋବାଇଲ୍ ଫୋନ୍।ଏହି ଚୋରମାନେ ତରୁଣ ଶର୍ମା ନାମକ ଜଣେ ଜ୍ୟୋତିଷଙ୍କ ଘରୁ ଟଙ୍କା ଚୋରି କରିଥିଲେ। ସେ ଏହି ଘଟଣା ସଂପର୍କରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ପୁଲିସ୍ ସିସିଟିଭି ଯାଞ୍ଚ କରିଥିଲା। ସେଥିରେ ଚୋରମାନେ ଚୋରି କରୁଥିବା ବେଳର ଦୃଶ୍ୟ କଏଦ ହୋଇଥିଲା। କିନ୍ତୁ ପୁଲିସ ସେମାନଙ୍କୁ ଧରିବାରେ ବିଫଳ ହୋଇଥିଲା।

# କେମିତି ଅଛି ଶିକ୍ଷକମାନଙ୍କ ମାନସିକ ସ୍ୱାସ୍ଥ୍ୟ: ୧୫ ପର୍ଯ୍ୟନ୍ତ ଚାଲିବ ସର୍ଭେ, ସବୁ ସରକାରୀ ସ୍କୁଲ ସାମିଲ



ଭୁବନେଶ୍ୱର,୫।୧୦(ପି.ଏନ): ରାଜ୍ୟରେ ଏବେ ସମସ୍ତ ସରକାରୀ ସ୍କୁଲରେ ଶିକ୍ଷକମାନଙ୍କ ମାନସିକ ସ୍ୱାସ୍ଥ୍ୟ ସର୍ଭେ କାର୍ଯ୍ୟକ୍ରମ ଜାରି ରହିଛି । ଏହି ସର୍ଭ ?ରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ମୋଟ ପ୍ରାୟ ୬୧ହଜାର ସ୍କୁଲ ସାମିଲ୍ ହୋଇଛନ୍ତି । ଚଳିତମାସ ୧୫ତାରିଖ ପର୍ଯ୍ୟନ୍ତ ଏହି ସର୍ଭେ ଜାରି ରହିବ । ଏହି ସର୍ଭ ମାଧ୍ୟମରେ ରାଜ୍ୟର ସରକାରୀ ସ୍କୁଲଗୁଡିକରେ କାର୍ଯ୍ୟରତ ପ୍ରାୟ ୨.୦୭ଲକ୍ଷ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ମାନସିକ ସ୍ଥିତି କିଭଳି ରହିଛି ତାହା ଜାଣିବାକୁ ପ୍ରୟାସ କରାଯାଉଛି । ଜାତୀୟ ଶିକ୍ଷା ନୀତି-୨୦୨୦ର ପ୍ରାବଧାନ ଅନୁସାରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର 'ମନୋଦର୍ପଣ' କାର୍ଯ୍ୟକ୍ରମ ଆଧାରରେ ଏହି ମାନସିକ ସ୍ୱାସ୍ଥ୍ୟ ସର୍ଭ ଚାଲିଥିବା ଜଣାପଡିଛି ।ସୂଚ୍ନା ଅନୁସାରେ, ରାଜ୍ୟ ସରକାର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖି କେନ୍ଦ୍ର ସରକାରଙ୍କ ଏହି ମାନସିକ ସ୍ୱାସ୍ଥ୍ୟ ସର୍ଭରେ ସବୁ ସରକାରୀ ସ୍କୁଲ ଯେଭଳି ସାମିଲ ହେବେ ତାହା ସୁନିଶ୍ଚିତ କରିବାକୁ କହିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରାଚୀ ପାଣ୍ଡେ ଗତମାସରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ଚିଠି ଲେଖି ଏହି ସର୍ଭ ?ରେ ରାଜ୍ୟର ସରକାରୀ ସ୍କୁଲର ଶିକ୍ଷକମାନଙ୍କ ସାମିଲ ସୁନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ । ଏହି ସର୍ଭ କେନ୍ଦ୍ର ସରକାରଙ୍କୁ ଶିକ୍ଷକମାନଙ୍କୁ ସହାୟତା ଓ ସେମାନଙ୍କ ପାଇଁ ଯୋଜନା ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି ସେ ସୂଚ୍ନା ଦେଇଛନ୍ତି । ସେ କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଓ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବାରେ ଶିକ୍ଷକମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ଯେହେତୁ ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବାରେ ଶିକ୍ଷକମାନଙ୍କ ଭୂମିକା ରହିଥାଏ ତେଣୁ ସେମାନଙ୍କ ଚିନ୍ତାକୁ ଜାଣିବା ସହ ଶୈକ୍ଷିକ ବାତାବରଣ ଉପରେ ସେମାନଙ୍କ ସମ୍ଭାବ୍ୟ ପ୍ରଭାବକୁ ସ୍ୱୀକୃତି ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷା ମନ୍ତ୍ରଣାଳୟ 'ମନୋଦର୍ପଣ' କାର୍ଯ୍ୟକ୍ରମ ମାଧ୍ୟମରେ କୋଭିଡ୍ ମହାମାରୀ ସମୟରେ ଓ ତା'ପରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ସେମାନଙ୍କ ପରିବାରର ମାନସିକ ସ୍ୱାସ୍ଥ୍ୟରେ ସୁଧାର ନିମନ୍ତେ ମନସ୍ତାତ୍ତ୍ୱିକ ସହାୟତା ପ୍ରଦାନ ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ନିଆଯାଉଛି । ତେଣୁ ଏହି ଆଧାରରେ ଦେଶର ବିଭିନ୍ନ ଭାଗରେ ଶିକ୍ଷକମାନଙ୍କ ଏହି ମାନସିକ ସ୍ୱାସ୍ଥ୍ୟ ସର୍ଭେ କରାଯାଉଛି ବୋଲି ସେ ସୂଚ୍ନା ଦେଇଥିଲେ ।

## ମଦ ନୀତି ଘୋଟାଲାରେ ସୁପ୍ରିମ କୋର୍ଟଙ୍କ ପ୍ରଶ୍ନ, ପ୍ରମାଣ କାହିଁ ?



ନୂଆଦିଲ୍ଲୀ,୫।୧୦(ପି.ଏନ): ଦିଲ୍ଲୀ ମଦ ନୀତି ଘୋଟାଲାରେ ଛନ୍ଦି ହେଉଛନ୍ତି ଜଣକ ପରେ ଜଣେ ଆପ୍ ନେତା। ପୂର୍ବତନ ଅବକାରୀ ମନ୍ତ୍ରୀ ମନିଷ ସିସୋଦିଆ ଜେଲରେ ଥିବାବେଳେ ଗତକାଲି ଏହି ମାମଲାରେ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହଙ୍କୁ ଗିରଫ କରାଯାଇଛି। ଆଜି ସିସୋଦିଆଙ୍କ ଜାମିନ ଆବେଦନର ଶୁଣାଣି ସମୟରେ ଗିରଫଦାରୀର ପ୍ରମାଣ ମାଗିଛନ୍ତି ସୁପ୍ରିମକୋର୍ଟ। ସୁପ୍ରିମକୋର୍ଟ ଅନୁସନ୍ଧାନକାରୀ ଏଜେନ୍ସି ଇଡି ଏବଂ ସିବିଆଇକୁ ମଦ ନୀତି ଘୋଟାଲାରେ ସିସୋଦିଆଙ୍କ ଭୂମିକା କ'ଣ ବୋଲି ପଚାରିଛନ୍ତି। ଏଥିସହ ସୁପ୍ରିମକୋର୍ଟ ଇଡି ଓ ସିବିଆଇକୁ ପଚାରିଛନ୍ତି, 'ପ୍ରମାଣ କେଉଁଠି ଅଛି ଘୋଟାଲାର ଅର୍ଥ କେଉଁଠି ଅଛି ପୂରା ଦୁର୍ନୀତି କେତେ ପର୍ଯ୍ୟନ୍ତ ଲମ୍ବିଛି'

## ଦୀପାବଳି ପୂର୍ବରୁ ଅଘଟଣ, ବାଣ ଗୋଦାମ ବିସ୍ଫୋରଣରେ ୪ ମୃତ

ଭୁବନେଶ୍ୱର,୫।୧୦(ପି.ଏନ):ଦୀପାବଳି ପୂର୍ବରୁ ବାଣ ଗୋଦାମରେ ଅଘଟଣ। ତାମିଲନାଡୁ ନାଗାପାଟ୍ଟିଣମର ଏକ ଗୋଦାମରେ ବିସ୍ଫୋରଣ ଘଟି ୪ ଜଣଙ୍କ ମୃତ୍ୟୁ। ଏକାଧିକ ଆହତ ହୋଇଥିବା ସୂଚ୍ନା। ପୁଲିସର ସୂଚ୍ନାନୁସାରେ, ଦୀପାବଳିକୁ ମାତ୍ର ଗୋଟିଏ ମାସ ବାକି ଥିବାରୁ ଅଞ୍ଚଳର କର୍ମଚାରୀମାନେ ବାଣ ପ୍ରସ୍ତୁତରେ ଲାଗିପଡିଛନ୍ତି। କିନ୍ତୁ ସାମାନ୍ୟ ଅସାବଧାନତା କାରଣରୁ ଅଘଟଣ ଘଟିଯାଉଛି। ନାଗାପାଟ୍ଟିଣମର ଏକ ବାଣ ଗୋଦାମରେ ବିସ୍ଫୋରଣ କାରଣରୁ ୪ ଜଣଙ୍କ ମୃତ୍ୟୁ ହୋଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ମୃତଦେହଗୁଡିକ ଖଣ୍ଡ ବିଖଣ୍ଡିତ ହୋଇ ୧୦୦ ମିଟର ଦୂରରେ ପଡିଛି। ଫଳରେ ମୃତକଙ୍କ ପରିଚ୍ୟ ମିଳିପାରୁ ନାହିଁ। ଘଟଣା ସମୟରେ କାରଖାନା ଭିତରେ ୮ ଜଣ ଶ୍ରମିକ କାମ କରୁଥିଲେ। ଅନ୍ୟ ଆହତମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ବୋଲି ପୁଲିସ କହିଛି।

## ଘର ଭାଙ୍ଗି ୩ ମାସ ବିତିଲା , ସହାୟତା ନମିଳିବାରୁ ପ୍ରଶାସନର ଦ୍ୱାରସ୍ଥ

ଜୟପୁର , ୫।୧୦(ପି.ଏନ): ଝଡ ତୋଫାନରେ ଗଛ ପଡି ଘର ଭାଙ୍ଗିଯାଇଥିଲା। ଘର ଭାଙ୍ଗି ୩ ମାସ ବିତିଲା କିନ୍ତୁ ପ୍ରଶାସନ ତରଫରୁ ସହାୟତା ମିଳିନାହିଁ । ଏନେଇ ଆଜି ସମାଜସେବୀ ବି ହରି ରାଓଙ୍କ ନେତୃତ୍ୱରେ ସହାୟତା ଅପେକ୍ଷାରେ ଥିବା ହିତାଧିକାରୀ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଜୟପୁର ବିଡିଓ ରାଜିବ ଦାସଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟ ପଞ୍ଚାୟତର ଦଣ୍ଡସେନାଗୁଡାର ଚଳିତ ବର୍ଷ ମାର୍ଚ୍ଚ ୧୮ ତାରିଖରେ ଝଡ ତୋଫାନରେ ଗଛ ପଡି ଭାଙ୍ଗି ଯାଇଥିବା ତିନି ବ୍ୟକ୍ତିଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି । ତିନି ଗୋଟି ପରିବାର ସେ ମାନେ ହେଲେ ପର୍ଶୁରାମ ତନ୍ତୀ, ଗଣେଷ ତନ୍ତୀ ଓ ହରେ କୃଷ୍ଣ ତନ୍ତୀ। ତିନିଗୋଟି ପରିବାର ଯେଉଁ ପ୍ରକାରର ଦୟନୀୟ ଅବସ୍ଥାରେ ରହି ପଲିଥିନ ତଳେ ରହୁଛନ୍ତି। ତେଣୁ ପ୍ରଶାସନ ଏଥି ପ୍ରତି ଗୁରୁତ୍ୱ ଦେଇ ସହାୟତାପ୍ରଦାନ କରିବାକୁ ଦାବି କରାଯାଇଛି।


## ଘର ଭାଙ୍ଗି ୩ ମାସ ବିତିଲା, ସହାୟତା ନମିଳିବାରୁ ପ୍ରଶାସନର ଦ୍ୱାରସ୍ଥ

ଜୟପୁର , ୫।୧୦(ପି.ଏନ): ଝଡ ତୋଫାନରେ ଗଛ ପଡି ଘର ଭାଙ୍ଗିଯାଇଥିଲା। ଘର ଭାଙ୍ଗି ୩ ମାସ ବିତିଲା କିନ୍ତୁ ପ୍ରଶାସନ ତରଫରୁ ସହାୟତା ମିଳିନାହିଁ । ଏନେଇ ଆଜି ସମାଜସେବୀ ବି ହରି ରାଓଙ୍କ ନେତୃତ୍ୱରେ ସହାୟତା ଅପେକ୍ଷାରେ ଥିବା ହିତାଧିକାରୀ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଜୟପୁର ବିଡିଓ ରାଜିବ ଦାସଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟ ପଞ୍ଚାୟତର ଦଣ୍ଡସେନାଗୁଡାର ଚଳିତ ବର୍ଷ ମାର୍ଚ୍ଚ ୧୮ ତାରିଖରେ ଝଡ ତୋଫାନରେ ଗଛ ପଡି ଭାଙ୍ଗି ଯାଇଥିବା ତିନି ବ୍ୟକ୍ତିଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି । ତିନି ଗୋଟି ଭୁରାମ ତନ୍ତୀ, ଗଣେଷ ତନ୍ତୀ ଓ ହରେ କୃଷ୍ଣ ତନ୍ତୀ। ତିନିଗୋଟି ପରିବାର ଯେଉଁ ପ୍ରକାରର ଦୟନୀୟ ଅବସ୍ଥାରେ ରହି ପଲିଥିନ ତଳେ ରହୁଛନ୍ତି। ତେଣୁ ପ୍ରଶାସନ ଏଥି ପ୍ରତି ଗୁରୁତ୍ୱ ଦେଇ ସହାୟତାପ୍ରଦାନ କରିବାକୁ ଦାବି କରାଯାଇଛି।


ହିନ୍ଦୁସ୍ଥାନ ସମାଚାର/ପବନ

# ୫ ଦିନିଆ ରିମାଣ୍ଡରେ ଗଲେ ଆପ ସାଂସଦ ସଞ୍ଜୟ ସିଂହ



ନୂଆଦିଲ୍ଲୀ,୫।୧୦(ପି.ଏନ): ଦିଲ୍ଲୀରୁ ପ୍ରତ୍ୟାହାର ହୋଇସାରିଥିବା ଅବକାରୀର ନୀତିରେ ହୋଇଥିବା ତଥାକଥିତ ଦୁର୍ନୀତି ଘଟଣାରେ ଗିରଫ ଆପ୍ ସାଂସଦ ସଞ୍ଜୟ ସିଂହଙ୍କୁ କୌଣସି ପ୍ରକାରର ଆଶ୍ୱସ୍ତି ମିଳିନାହିଁ। ଅବକାରୀ ନୀତି ଦୁର୍ନୀତି ଘଟଣାରେ ଇଡି ବୁଧବାର ସଞ୍ଜୟ ସିଂହଙ୍କୁ ଗିରଫ କରିଥିଲା। ଆଜି ଦିଲ୍ଲୀର ଗୋଟିଏ କୋର୍ଟ ତାଙ୍କୁ ୫ ଦିନ ପାଇଁ ରିମାଣ୍ଡରେ ନେବାକୁ ଇଡିକୁ ଅନୁମତି ଦେଇଛନ୍ତି। ଏହି ୫ ଦିନ କାଳ ଇଡି ସଞ୍ଜୟ ସିଂହଙ୍କୁ ଜେରା କରିବା ସହ ତଥାକଥିତ ମଦ ନୀତି ଦୁର୍ନୀତି ଘଟଣାରେ ଅଧିକ ତଥ୍ୟ ହାସଲ କରିବ। ଅବକାରୀ ନୀତିରେ ହୋଇଥିବା ଦୁର୍ନୀତିରୁ ଜଣେ ବ୍ୟବସାୟୀ ୩ କୋଟି ଟଙ୍କା ସଞ୍ଜୟ ସିଂହଙ୍କୁ ଦେଇଥିବା ଆଜି ଇଡି ତାଙ୍କୁ ରିମାଣ୍ଡରେ ନେବେ ବେଳେ କୋର୍ଟଙ୍କୁ ଅବଗତ କରାଇଛି। ଇଡି କହିଛି ଯେ ଦିଲ୍ଲୀ ବ୍ୟବସାୟୀ ଦୀନେଶ ଅରୋରା ପ୍ରଥମ ଅବକାରୀ ନୀତି ଦୁର୍ନୀତି ଘଟଣାରେ ଅଭିଯୁକ୍ତ ଥିଲେ। ତାଙ୍କୁ ଗିରଫ ମଧ୍ୟ କରାଯାଇଥିଲା। ଏବେ ସେ ରାଜସାକ୍ଷୀ ପାଲଟି ଯାଇଛନ୍ତି। ତାଙ୍କ ବୟାନ ଆଧାରରେ ଇଡି ତଦନ୍ତ କରିବା ସହ ସଞ୍ଜୟ ସିଂହ ଦୁର୍ନୀତି ୩ କୋଟି ଟଙ୍କା ପାଇଥିବା କୋର୍ଟଙ୍କୁ ଅବଗତ କରାଇଛି।

# କିସ୍ ଫାଉଣ୍ଡେସନ୍‌ର ସହାୟତା: ବଦଳିଲା ୪ ଅନାଥ ଝିଅଙ୍କ ଭାଗ୍ୟ



ଭୁବନେଶ୍ୱର,୫।୧୦(ପି.ଏନ): କିସ୍ ଫାଉଣ୍ଡେସନ୍ ଯୋଗୁଁ ପୁରୀ ଜିଲ୍ଲା ଚନ୍ଦନପୁର ନିକଟସ୍ଥ ରଘୁରାଜପୁର ଗ୍ରାମର ୪ ଅନାଥ ଭଉଣୀଙ୍କ ଭାଗ୍ୟ ବଦଳିଯାଇଛି। ସେମାନଙ୍କ ମୁହଁରେ ଆଜି ହସ ଫୁଟିଛି। ପୂର୍ବ ପ୍ରତିଶ୍ରୁତି ମୁତାବକ କିସ୍ ଫାଉଣ୍ଡେସନ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଜି ଉକ୍ତ ୪ ଭଉଣୀଙ୍କ ମଧ୍ୟରୁ ୩ ଭଉଣୀଙ୍କୁ କିଟ୍ ଓ କିସ୍‌ରେ ନିଯୁକ୍ତି ପ୍ରଦାନ କରିଛନ୍ତି। ରଘୁରାଜପୁରର ଲକ୍ଷ୍ମୀଧର ମହାପାତ୍ର ଓ ତାଙ୍କ ପତ୍ନୀଙ୍କ ମୃତ୍ୟୁ ଘଟିବା ପରେ ସେମାନଙ୍କ ଚାରିଝିଅ ବେସାହାରା ହୋଇପଡ଼ିଥିଲେ। ଏହି ଖବର ଗଣମାଧ୍ୟମରୁ ଜାଣିବା ପରେ ଶ୍ରୀ ସାମନ୍ତ ପିତୃମାତୃହରା ଚାରି ଭଉଣୀଙ୍କୁ କିସ୍ ଫାଉଣ୍ଡେସନ୍ ପକ୍ଷରୁ ସେମାନଙ୍କ ଚଳିବା ଓ ପାଠ ପଢ଼ା ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ। ଏବେ ବଡ଼ ଭଉଣୀ ରମାମଣୀ ସ୍ନାତକୋତ୍ତର ହୋଇଥିବା ବେଳେ ମଝିଆ ଦୁଇ ଭଉଣୀ ସ୍ନାତକ ଡ଼ିଗ୍ରୀ ହାସଲ କରିଛନ୍ତି। ସବା ସାନ ଭଉଣୀ ଅଷ୍ଟମ ଶ୍ରେଣୀରେ ପାଠ ପଢୁଛି।ଶ୍ରୀ ସାମନ୍ତ ମଝିରେ ମଝିରେ ସେମାନଙ୍କୁ ଭେଟି ସେମାନଙ୍କ ଭଲମନ୍ଦ ବିଷୟରେ ପଚାରି ବୁଝୁଥିଲେ। ସେମାନଙ୍କୁ ଧୈର୍ଯ୍ୟ ଧରିବା ସହ ପାଠ ପଢ଼ାରେ ମନୋନିବେଶ କରିବାକୁ ଶ୍ରୀ ସାମନ୍ତ ବୁଝାଇ ଆସୁଥିଲେ। ସେମାନଙ୍କ ରହିବା ପାଇଁ ଘରଟିଏ ନ ଥିଲା। ରମାମଣୀ ନିଜ ପ୍ରଚେଷ୍ଟାରେ ସରକାରୀ ଯୋଜନାରେ ଘରଟିଏ କରିଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇ ପାରି ନଥିଲା। ଏହା ଜାଣିବା ପରେ ଘର ସମ୍ପୂର୍ଣ୍ଣ କରିବା ପାଇଁ ମଧ୍ୟ ଶ୍ରୀ ସାମନ୍ତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହା ସହ ପାଠ ପଢ଼ା ସରିଲେ ସେମାନଙ୍କୁ କିଟ୍ ଓ କିସ୍‌ରେ ନିଯୁକ୍ତି ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଆଜି ୩ ଭଉଣୀ ଶ୍ରୀ ସାମନ୍ତଙ୍କୁ ଭେଟି ନିଯୁକ୍ତି ପତ୍ର ଗ୍ରହଣ କରିଥିଲେ। କିଟ୍ ଓ କିସ୍‌ରେ ନିଯୁକ୍ତି ପାଇଥିବାରୁ ରମାମଣୀ ଓ ତାଙ୍କ ଦୁଇ ଭଉଣୀ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ନିକଟରେ କୃତଜ୍ଞତା ଜଣାଇବା ସହ କିସ୍ ଫାଉଣ୍ଡେସନ୍ ଯୋଗୁଁ ଆମେ ଆଜି ଏତେ ବାଟରେ ପହଞ୍ଚି ପାରିଛୁ ବୋଲି ସେମାନେ କହିଥିଲେ। କିସ୍ ଫାଉଣ୍ଡେସନ୍ ଓ ଅଚ୍ୟୁତ ସାମନ୍ତଙ୍କ ଏଭଳି ମହତ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି।

## ୭ ମାସ ତଳେ ବାଜିଥିଲା ସାହାନାଇ; ଆଜି ଲୁହରେ ଭିଜୁଛି ଘର ଅଗଣା

ଭୁବନେଶ୍ୱର,୫।୧୦(ପି.ଏନ): ୭ ମାସ ତଳେ ବାଜିଥିଲା ସାହାନାଇ। ବର ବେଶରେ ସଜେଇ ହୋଇ ଲୋପାମୁଦ୍ରାଙ୍କ ହାତ ଧରି ନିଜ ଘରକୁ ଆଣିଥିଲେ ସରୋଜ। ଆଉ ସାତ ଜନମର ଜୀବନ ସାଥୀ ହେବେ ବୋଲି କଥା ଦେଇଥିଲେ। ହେଲେ ନିଷ୍ଠୁର ହେଲା ଦଇବ! ସାତ ଜନମ କ'ଣ, ଏଇ ଜନମରେ ଲୋପାମୁଦ୍ରାଙ୍କ ପାଖରୁ ସରୋଜଙ୍କୁ ଛଡାଇ ନେଲା! କାନ୍ଥରୁ ଲିଭିନି ଚିତା। କିନ୍ତୁ ଲିଭିଗଲା ଲୋପାମୁଦ୍ରାଙ୍କ ସିନ୍ଥିରୁ ସିନ୍ଦୂର। ଶେଷଥର ପାଇଁ ଦୁଇ ଦିନ ତଳେ ରାତିରେ ସରୋଜଙ୍କ ସହ କଥା ହୋଇଥିଲେ ଲୋପାମୁଦ୍ରା। ସେ ଦିନ ସେ ବହୁ କଥା ହେବାକୁ ଚାହୁଁଥିଲେ। ମାତ୍ର ସମୟ ନଥିବାରୁ ବେଶୀ କଥା ହୋଇପାରିନଥିଲେ ସରୋଜ। ରାତି ପାହିଲେ କଥା ହେବ ବୋଲି ପତ୍ନୀଙ୍କୁ କଥା ଦେଇଥିଲେ। ଖାଲି ପତ୍ନୀ ନୁହେଁ, ଭିଡିଓ କଲ୍ ?ରେ ବାପା-ମାଆଙ୍କ ସହିତ କଥା ହେବ ବୋଲି କହିଥିଲେ। ହେଲେ ଅଧାରେ ରହିଗଲା ସରୋଜଙ୍କ ମନର କଥା। ରାତିର ଅନ୍ଧକାରରେ ଯମର ମୃତ୍ୟୁ ଫାସ ଧରି ଭୟଙ୍କର ରୂପ ଧରି ମାଡି ଆସିଥିଲା ପ୍ରଳଙ୍କରୀ ବନ୍ୟା ପାଣି। ଆଉ ସେଥିରେ ଭାସି ଯାଇଥିଲେ

# ସମ୍ବଲପୁରରେ ରାସ୍ତା ସମସ୍ୟା ସୁଧୁରିବ କେବେ ?

ସମ୍ବଲପୁର ୫।୧୦(ପି.ଏନ): ସମ୍ବଲପୁର ଜିଲ୍ଲାରେ ବିଭିନ୍ନ ମହଲରେ ରାଜନୀତି ସକ୍ରିୟ ରହିଥିବା ବେଳେ କୌଣସି ଦଳର ନେତାଙ୍କ ଅଭାବ ନାହିଁ । ମାତ୍ର ଦୁଃଖ ଓ ପରିତାପର ବିଷୟ ନେତାମାନେ ମାତ୍ରାଧିକ ରାଜନୀତିରେ ସକ୍ରିୟ ରହୁଥିବା ଯୋଗୁଁ ଜନସାଧାରଣଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ମିଳିପାରିନାହିଁ । ଏବେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯେଉଁ ସମସ୍ୟା ଉଭା ହୋଇଛି ତାହା ଜିଲ୍ଲା ସଦର ମହକୁମାରେ ମାତ୍ରାଧିକ ପରିମାଣରେ ଜନସାଧାରଣଙ୍କୁ ବ୍ୟଥିତ କରାଉଛି । କାରଣ ଜିଲ୍ଲା ସଦର ମହକୁମାରେ ସରକାରଙ୍କ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀଙ୍କ ସମେତ ଖୋଦ୍ ଜିଲ୍ଲାପାଳ ମଧ୍ୟ ରହୁଛନ୍ତି, ଏଥିସହ ସାଂସଦଙ୍କ ଠାରୁ ଆରମ୍ଭ କରି ବହୁ ବିଧାୟକ ମାନଙ୍କର ସର୍ବଦା ଯାଆ-ଆସ ରହିଛି । ଦୁଃଖର ବିଷୟ ସହରର ପ୍ରମୁଖ ରାସ୍ତା ମଧ୍ୟରେ ବୁଢାରଜା ଠାରୁ ଅଇଁଠାପାଲି, ଜେଲ ଛକ ଠାରୁ ନକ୍ସା ପାଲି, ପୀରବାବା ଛକ ଠାରୁ କୁଞ୍ଜେଲପଡା ଛକ, କଚେରି ଛକ ଠାରୁ ଜିଏମ କଲେଜ, ଅଶୋକା ଟକିଜ୍ ଛକ ଠାରୁ ସରଲାକାନି ଜାତୀୟ ରାଜପଥ ଛକ, କୁଞ୍ଜେଲପଡା ଛକରୁ ବଡ଼ବଜାରର ଛକ, ବଡ଼ବଜାରରୁ କ୍ଷେତରାଜପୁର ଷ୍ଟେସନ୍, କ୍ଷେତରାଜପୁରରୁ ଫାଟକ ସମେତ ବହୁ ବ୍ୟସ୍ତ ବହୁଳ ରାସ୍ତା ଗୁଡ଼ିକ କେଉଁଠି ସଙ୍କୀର୍ଣ୍ଣ ତ କେଉଁଠି ଖାଲଢିପରେ ମରଣଯନ୍ତାର କାର୍ଯ୍ୟ କରୁଛି । ଜିଲ୍ଲା ସଦର ମହକୁମାରେ ଦୁର୍ଘଟଣା ଠାରୁ ଆରମ୍ଭ କରି ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର କାରଣ ମଧ୍ୟ ଏହି ରାସ୍ତା ସମସ୍ୟା ବୋଲି ବିଭିନ୍ନ ମହଲରୁ ଅଭିଯୋଗ ହେଉଛି । ସମ୍ବଲପୁର ଜିଲ୍ଲା ସଦର ମହକୁମାରେ ରାସ୍ତା ସମସ୍ୟା ଏକ ମୁଖ୍ୟ ପ୍ରମୁଖ ସମସ୍ୟା ହୋଇଥିଲେ ମଧ୍ୟ ଏହାର ସମାଧାନ ଦିଗରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ସହ ପ୍ରଶାସନିକ ଶୀଥିଳତା ସାଧାରଣରେ ଅନିଶ୍ଚିତତା ସୃଷ୍ଟି କରାଇଛି । ମାତ୍ର ଦୁର୍ଭାଗ୍ୟ ଆଗାମୀ ୨୦୨୪ ନିର୍ବାଚନ ପାଇଁ ଜିଲ୍ଲାର ସମସ୍ତ ରାଜନୈତିକ ଦଳ ଜୋରଦାର ପ୍ରସ୍ତୁତି କରିବା ଓ ସରକାରଙ୍କ ଆଗାମୀ ସମସ୍ତ ଆଦେଶ ପାଳନ ପାଇଁ ପ୍ରଶାସନିକ ଅଧିକାରୀ ମାନେ ତତ୍ପରତା ପ୍ରକାଶ କରୁଥିବା ବେଳେ ସହରବାସୀଙ୍କ ପାଇଁ ପ୍ରମୁଖ ସମସ୍ୟାରେ ଥିବା ରାସ୍ତାଘାଟ, ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାରେ କେବେ ସୁଧାର ଆସିବ ତାହା ମୁଖ୍ୟ ପ୍ରଶ୍ନ ହୋଇଛି ।

## ବନ୍ଧୁକ, ଗୁଳି କାର୍ ସହ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ, ୩ କୋର୍ଟ ଚାଲାଣ

ସମ୍ବଲପୁର ୦୪ ଅକ୍ଟୋବର (ହିସ) ପୋଲିସ ଓ ଅବକାରୀ ବିଭାଗ ଯେତେ କଡ଼ା ଆଭିମୁଖ୍ୟ ଗ୍ରହଣ କଲେ ମଧ୍ୟ ସମ୍ବଲପୁର ଜିଲ୍ଲାରେ ମାଦକ ଦ୍ରବ୍ୟ ଚୋରାଚାଲାଣ ଥମିବାର ନାଁ ନେଉନାହିଁ। ଏପରିକି ପୋଲିସ ଓ ଅବକାରୀ ବିଭାଗର କଟକଣାକୁ ଏଡ଼ାଇବା ପାଇଁ ମାଫିଆ ମାନେ ମଧ୍ୟ ନୂଆନୁଆ ପଇଁତରା ଆପଣାଉଥିବା ଆଜି ଦେଖିବାକୁ ମିଳିଥିଲା । ଆଜି ସମ୍ବଲପୁର ଜିଲ୍ଲା ଅବକାରୀ ବିଭାଗ ଶାସନ ଟୋଲ୍ ପ୍ଲାଜା ନିକଟରେ ବରଗଡ଼ ଆଡୁ ଆସୁଥିବା ଏକ କାରକୁ ଅଟକାଇ ଯାଂଚ୍ କରିବା ପରେ ୬ ବସ୍ତା ଗଞ୍ଜେଇ ଥିବା ଜଣା ପଡ଼ିଥିଲା । ବିଭାଗ ଉକ୍ତ ଗଞ୍ଜେଇ ଜବତ କରିବା ସହ କାରରେ ଥିବା ତିନି ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାନୁଯାୟୀ ବରଗଡ ସୋହେଲା ଆଡୁ ସନ୍ଦେହଜନକ ଭାବେ ଏକ କାରକୁ ଦେଖି ଶାସନ ଟୋଲ୍ ପ୍ଲାଜା ନିକଟରେ ଅବକାରୀ ବିଭାଗ କର୍ମଚାରୀ ମାନେ ଅଟକାଇ ଯାଂଚ୍ କରିଥିଲେ । କାରରେ ଆର୍ମି ଲେଖା ଥିବା ବେଳେ କାରରେ ବସିଥିବା ବ୍ୟକ୍ତି ନିଜକୁ ଭାରତୀୟ ପରିଯୋଜନାର କର୍ମଚାରୀ ବୋଲି ପରିଚୟପତ୍ର ଦେଖାଇ ଉତ୍ତରପ୍ରଦେଶ ଅଭିମୁଖେ ଯାଉଥିବା ସୂଚନା ଦେଇଥିଲେ । ମାତ୍ର ଯାଂଚ୍ ବେଳେ କାର୍ ରୁ ଗଞ୍ଜେଇ ଜବତ ପରେ ସେମାନେ ଦେଖାଇଥିବା ପରିଚୟପତ୍ର ଜାଲ ବୋଲି ମଧ୍ୟ ଜଣାପଡିଥିଲା । ଶେଷ ସମୟରେ ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ ଓ ଦୁଇଟି ଗୁଳି ମଧ୍ୟ ଜବତ କରାଯାଇଥିଲା ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ୍ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ୍ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୁଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍ସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଅକ୍ଟୋବର ୬

# ଦୂତିଆ ଓଷା



ଜୟନ୍ତୀ ପଣ୍ଡା

ଓଡ଼ିଆ ସଂସ୍କୃତିରେ ଦୂତିଆ ଓଷା ବା ଦୂତି ବାହନ ଓଷାର ସ୍ୱତନ୍ତ୍ର ସ୍ଥାନ ରହିଥାଏ । ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳ, ଗରିବ ଠାରୁ ଧନୀ ସମସ୍ତଙ୍କ ଘରେ ଏହି ଓଷା ଗୁରୁତ୍ୱ ବହନ କରିଥାଏ । ତେବେ ପ୍ରତିଟି ଓଡ଼ିଆଣୀର ଆଧ୍ୟାତ୍ମିକ ଅନୁଚିନ୍ତନରେ ଏହି ଦୂତିଆ ଓଷା ବେଶ୍ ମହତ୍ତ୍ୱପୂର୍ଣ୍ଣ । ପୌରାଣିକ କଥାବସ୍ତୁ ଅନୁଯାୟୀ ଆଶ୍ୱୀନ କୃଷ୍ଣପକ୍ଷ ସପ୍ତମୀ ଦିନ ଏହି ଓଷା ପାଳିତ ହୋଇଥାଏ । ହିନ୍ଦୁ ବ୍ରତ ବିଧାନ ଅନୁଯାୟୀ ସଧବା ସ୍ତ୍ରୀ ଲୋକମାନେ ଏହି ଓଷା ପାଳନ କରିଥାନ୍ତି । ସେହିପରି ଏହି ପବିତ୍ର ଦିବସରେ ଓଡ଼ିଶାର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ମହିଳାମାନେ ଜୀମୂତବାହନ ଉପବାସ କରିଥାନ୍ତି । ଯେଉଁଥିରେ ଭାଇର ସର୍ବମଙ୍ଗଳ କାମନା କରି ଭଉଣୀମାନେ ଏହି ଓଷା ପାଳନ କରିଥାନ୍ତି । ଆଧ୍ୟାତ୍ମିକ ଲୋକବିଶ୍ୱାସ ଅନୁଯାୟୀ ସନ୍ତାନ ଲାଭ ଆଶାରେ ମହିଳାମାନେ ଏହି ଓଷାକୁ ଅତ୍ୟନ୍ତ ନିଷ୍ଠାର ସହିତ ପାଳନ କରିଥାନ୍ତି । କିଛି କ୍ଷେତ୍ରରେ ସନ୍ତାନର ଚନ୍ଦ୍ରରିଷ୍ଟ ଖଣ୍ଡନ ସହ ସର୍ବମଙ୍ଗଳ କାମନା କରି ମା'ମାନେ ଦୂତିଆ ଓଷା କରିଥାନ୍ତି । ଯେଉଁଥିରେ ସୂର୍ଯ୍ୟ ଉପାସନା ବିଧି ରହିଥାଏ । ଆଶ୍ୱିନ କୃଷ୍ଣପକ୍ଷ ସପ୍ତମୀ ଦିନ ଏହି ଦୂତିଆ ଓଷା ବା ଦୂତିବାହନ ଓଷା ପାଳନ କରାଯାଏ। ଏହାପର ଦିନ ହେଉଛି ଅଷ୍ଟମୀ ଯାହାକୁ ମୂଳାଷ୍ଟମୀ କୁହାଯାଏ। ସାଧାରଣତଃ ସଧବା ସ୍ତ୍ରୀଲୋକମାନେ ଏହି ଓଷା କରିଥାନ୍ତି। ଯାହାର ଅନ୍ୟନାମ ଜୀମୂତ ବାହାନ ଉପବାସ।

ସମ୍ପ୍ରତି ଦୈନନ୍ଦିନ ଜୀବନ ଭିତରେ ସାଧାରଣତଃ ମହିଳାଟି ନିଜେ ନିଜପାଇଁ ସାମାନ୍ୟତମ ସ୍ୱାର୍ଥଗତ ଚିନ୍ତା ନକରି ସଦାସର୍ବଦା ସମାଜର ମଙ୍ଗଳ ପାଇଁ ଅର୍ହନିଶ କାର୍ଯ୍ୟ କରିଥାଏ । ସ୍ୱାମୀର ପାଦରେ କଣ୍ଟାଟି ନଲାଗିବା ପାଇଁ ତଥା ନିରାମୟ ଜୀବନ ପାଇଁ ସାବିତ୍ରୀ ବ୍ରତରେ ଦିନ ତମାମର ଭୋକ ଉପାସକୁ ପଛରେ ପକାଇ ଦେଇଥାଏ । ନିଜ ସନ୍ତାନଙ୍କ ସର୍ବମଙ୍ଗଳ କାମନା ପାଇଁ ତୁଳସୀ ଚଉରା ମୂଳରେ ଭକ୍ତି ନୈବେଦ୍ୟ ବାଢ଼ିଥାଏ । ଏହି ଦୂତିଆ ଓଷାରେ ସନ୍ତାନଙ୍କ ସର୍ବସୁଖ କାମନା କରି ସମସ୍ତ ପନିପରିବା ଯୋଗାଡ଼ କରି ଠାକୁରଙ୍କ ପାଖରେ ନୈବେଦ୍ୟ ବାଢ଼ିଥାଏ । ନିର୍ଜଳା ଉପବାସ ଭିତରେ ତା' ଭିତରର ହୃଦୟ ସମର୍ପିତ ହୋଇଥାଏ ଠାକୁରଙ୍କ ପାଦପଦ୍ମରେ । ହେଲେ କେତେଜଣ ବୁଝିଥାନ୍ତି ଏହି ମା'ର ହୃଦୟ ? ମନର ମଣିଷ ଜଣକ କ'ଣ ସମର୍ଥ ହୋଇଥାଏ ନିଜ ଧର୍ମପତ୍ନୀଙ୍କର ଭଲମନ୍ଦ ବୁଝିବା ପାଇଁ । ହେଲେ କାହାଠାରୁ କୌଣସି ପ୍ରତିଦାନର ଆଶା ନରଖି ଏହି ମା'ଟି ସଦାସର୍ବଦା ନିଜକୁ ବାଜି ଲଗାଇଥାଏ ।

ଉତ୍କଳୀୟ ବିଶ୍ୱାସରେ ଅନ୍ୟାନ୍ୟ ଓଷା ବ୍ରତ ଭିତରୁ ଦୂତିଆ ଓଷାର ସ୍ୱତନ୍ତ୍ରତା ନିହିତ ଥାଏ । ରାଜ୍ୟର ଅନେକ ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରେ ପରିଣତ ବୟସରେ ପହଞ୍ଚି ଥିଲେ ମଧ୍ୟ ବୟସ୍କା ଭଉଣୀ ଘରକୁ ଭାଇଟି ବା ଭାଇଙ୍କ ପୁଅ (ପୁତୁରା) ଦୂତିଆ ଭାର ନେଇ ଯିବାର ପରମ୍ପରା ରହିଛି । ସହରାଞ୍ଚଳରେ ରହୁଥିବା ମହିଳାମାନେ ଅନେକ କ୍ଷେତ୍ରରେ ଗାଁରେ ରହୁଥିବା ସେମାନଙ୍କର ଅନ୍ୟାନ୍ୟ ପରିବାର ବା ସମ୍ପର୍କୀୟ ମାନଙ୍କ ଦ୍ୱାରା ବିଭିନ୍ନ ଗ୍ରାମ୍ୟ ଶାଗ ଓ ପନିପରିବା ସଂଗ୍ରହ କରିଥାନ୍ତି । ବିଶେଷକରି ଦୂତିଆ ଘାଣ୍ଟରେ ସମସ୍ତେ ଖୋଜୁଥିବା ବାରିଖଡ଼ା ଏବେ କେବଳ ଗ୍ରାମାଞ୍ଚଳରେ ମିଳୁଥିବାରୁ ଏହାର ଯଥେଷ୍ଟ ଚାହିଦା ରହିଥାଏ । ତେବେ ଦୂତିଆ ଓଷାର ଏହି ଲୋକପ୍ରିୟ ଦୂତିଆ ଘାଣ୍ଟରେ ମହିଳାମାନେ ହିଁ ସବୁ କିଛି କରିଥାନ୍ତି । ଶାଗ ଓ ବିଭିନ୍ନ ପନିପରିବା ବ୍ୟତୀତ ଦେଶୀ ସୋଲାକୁ ବତୁରାଇ ଖାଦ୍ୟ ଉପଯୋଗୀ କରିବା ସହ ମୁଗଗଜା ପ୍ରସ୍ତୁତି ଓ ନଡ଼ିଆ ଘାଣ୍ଟ ତିଆରି କରିବା ପର୍ଯ୍ୟନ୍ତ ସମସ୍ତ ଯୋଗାଡ଼ ନିଜ ହାତରେ କରିବାକୁ ପଡ଼ିଥାଏ । ସମ୍ପ୍ରତି ସାଧାରଣ ଜନଜୀବନରେ ବିଭିନ୍ନ ଓଷା ବ୍ରତର ପରମ୍ପରା ବଦଳି ଆସୁଥିବାବେଳେ ଦୂତିଆ ଓଷା କିନ୍ତୁ ନିଜର ସ୍ୱତନ୍ତ୍ରତା ରକ୍ଷା କରିଛି । ଗ୍ରାମାଞ୍ଚଳରେ ଗୋଟିଏ ସାହିର ପ୍ରାୟତଃ ସମସ୍ତ ମହିଳା ଗ୍ରାମର ମଧ୍ୟବର୍ତ୍ତୀ ଦେବାଳୟ ସନ୍ନିକଟ ପ୍ରଶସ୍ତ ଯାଗାରେ ଏହି ଓଷା ସମବେତ ଭାବରେ ଆୟୋଜନ କରୁଥିବାବେଳେ ସହରାଞ୍ଚଳରେ କେହି କେହି ବ୍ରାହ୍ମଣ ଡକାଇ ନିଜ ଘରେ ବା ବିଭିନ୍ନ ଦେବୀ ପୀଠ ବା ମନ୍ଦିର ମାନଙ୍କୁ ଯାଇ ପୂଜାର୍ଚ୍ଚନା କରିଥାନ୍ତି । ଦୂତିଆ ଓଷାରେ ଓଡ଼ିଆ ପର୍ବପର୍ବାଣୀ ଓ ଆଧ୍ୟାତ୍ମିକ ଚେତନା ସହ ଏଥିରେ ପ୍ରସ୍ତୁତ ହେଉଥିବା ମଧ୍ୟାହ୍ନ ତରକାରୀରେ ସମସ୍ତ ପରିବା ଓ କିଛି ଶସ୍ୟବୀଜ ସେଥିରେ ପଡ଼ିଥାଏ। ଯାହାକି ଅତ୍ୟନ୍ତ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟପ୍ରଦ ମଧ୍ୟ ହୋଇଥାଏ। ଅଧିକାଂଶ ପନିପରିବା ବର୍ଷର ଏହି ସମୟରେ ମିଳୁଥିବାରୁ ଦୂତିଆ ଓଷା ସମୟରେ ଏହାର ବ୍ୟବହାର ହୋଇଥାଏ। ଓଡ଼ିଆ ଗ୍ରାମ୍ୟ ଚେତନା ଓ ଆଧ୍ୟାତ୍ମିକ ଭାବାଧାରାରେ ଦୂତିଆର ସ୍ଥାନ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ଭାବେ ଆବାହମାନ କାଳରୁ ପାଳିତ ହୋଇ ଆସିଅଛି। ତେବେ ଯାହା ହେଉନା କାହିଁକି ସମୟ ସହିତ ତାଳ ଦେଇ ଏହି ଦୂତିଆ ଓଷା ନିଜର ସ୍ୱତନ୍ତ୍ରତା ରକ୍ଷା କରିପାରିଛି ।

*ଫରିଦାବାଦ, ହରିୟାନା*

# ଦ୍ୱନ୍ଦରେ ନେତା ଓ ଜନତା



ବୃହସ୍ପତି ସାମଲ

ଉଭୟ ରାଜ୍ୟ ଓ ଦେଶରେ ହଟଚ୍ଛମଟ ସୃଷ୍ଟି କରିଥିବା ନିକଟ ଅତୀତର କେଇଟି ନିର୍ଦ୍ଦିଷ୍ଟ ଘଟଣାବଳୀକୁ ଅବଲୋକନ କଲେ ସ୍ପଷ୍ଟ ପ୍ରତିପାଦିତ ହେଉଛି ଯେ ଦେଶର ଆଗାମୀ ୨୦୨୪ ସାଧାରଣ ନିର୍ବାଚ଼ନ ଯେତିକି ଯେତିକି ପାଖେଇ ଆସୁଛି, ବିଭିନ୍ନ ବିବାଦୀୟ ପ୍ରସଙ୍ଗ ସବୁ ସେତିକି ସେତିକି ମୁଣ୍ଡ ଟେକୁଛି ଯାହା ଉଭୟ ଜନତା ଓ ରାଜନେତାଙ୍କୁ ଦ୍ୱନ୍ଦରେ ପକେଇ ଘାଣ୍ଟିଚ଼କଟି ହେବାକୁ ଏକରକମ ବାଧ୍ୟ କରୁଛି। ସରଳ ଜନତା ବିଭ୍ରାନ୍ତ ହେଉଥିବା ବେଳେ ରାଜନେତା କିଂକର୍ତ୍ତବ୍ୟବିମୂଢ଼। ଛାପା, ବୈଦୁତିକ ଓ ସାମାଜିକ ଗଣମାଧ୍ୟମରେ ଶାସକ ଓ ବିରୋଧୀ ଦଳମାନଙ୍କ ସହ ବିଭିନ୍ନ ରାଜନୈତିକ ଦଳ, ବୁଦ୍ଧିଜୀବୀମଣ୍ଡଳୀ ଓ ବ୍ୟକ୍ତି ବିଶେଷ ପାରସ୍ପରିକ ଆରୋପ ପ୍ରତ୍ୟାରୋପ ଭିତରେ ଏହି ନିର୍ଦ୍ଦିଷ୍ଟ ପ୍ରସଙ୍ଗଗୁଡିକ ଉପରେ ନିଜ ନିଜର ମତ ଜାହିର କରିବାରେ ଅତ୍ୟଧିକ ଆଗ୍ରହୀ ଓ ବ୍ୟସ୍ତରହୁଥିବାରୁ, ଦୁର୍ନୀତି, ଗରିବୀ, କଳାବଜାରୀ, ବେରୋଜଗାରୀ, ଦରବୃଦ୍ଧି, ଆତଙ୍କବାଦ, ନାରୀ ନିର୍ଯ୍ୟାତନା, ସାମ୍ପ୍ରଦାୟିକତା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଜୁଳି, ବାସଗୃହ ଭଳି ଅତ୍ୟନ୍ତ ସ୍ପର୍ଶକାତର ଓ ଯଥାର୍ଥ ପ୍ରସଙ୍ଗଗୁଡିକ ସହଜରେ ଅଣଦେଖା ହେଇଯାଉଛି। ଆଗାମୀ ଦିନରେ ଜନତାଙ୍କ ନିଷ୍ପତ୍ତି କେଉଁ ଆଧାରରେ ପର୍ଯ୍ୟବେସିତ ହେବ, ତାହା ସନ୍ଦେହ ଘେରରେ। ଗୋଳିଆ ପାଣିରୁ ନିର୍ଦ୍ଦିଷ୍ଟ ରାଜନୈତିକ ଦଳମାନେ ସିନା ଫାଇଦା ହାସଲ କରିବେ, ଜନତା ଯେଉଁ ଭକୁଆକୁ ସେଇ ଭକୁଆ ହେଇ ରହିବା ଥୟ। ପ୍ରସଙ୍ଗକ୍ରମେ କେତୋଟି ସଦ୍ୟତମ ଘଟଣାବଳୀକୁ ଆଲୋଚ଼ନା କରାଯାଇପାରେ।

ଓଡିଶା ପ୍ରସଙ୍ଗରେ ଦେଖିଲେ, ରାଜ୍ୟ ବିଜେପି ନେତାମାନେ ବିଜେଡ଼ି ନେତୃତ୍ୱ ପ୍ରତି ଅସହ୍ୟ କଟୁକ୍ତି ଓ ସମାଲୋଚ଼ନା ସହ ଯେତେ ଅଙ୍ଗୁଳି ପ୍ରଦର୍ଶନ କଲେ ବି, ସଂସଦରେ ବିଜେପି ଦ୍ୱାରା ଆଗତ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଓ ଜାମ୍ମୁ କାଶ୍ମୀର ପୁନର୍ଗଠନ ବିଲ, ତିନ୍ ତଲାକ ବିଲ, ବେଆଇନ ଗତିବିଧି (ସଂଶୋଧନ) ବିଲ୍, ସୂଚ଼ନା ଅଧିକାର (ସଂଶୋଧନ) ବିଲ୍ ଠାରୁ ଦିଲ୍ଲୀ ସେବା ବିଲ୍ ଭଳି ସମସ୍ତ ବିଲକୁ ସମର୍ଥନ ଜଣେଇ ପ୍ରଧାନମନ୍ତ୍ରୀଙ୍କର ପ୍ରିୟପାତ୍ର ସାଜିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ନିକଟରେ ମାନ୍ୟବର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କର ଏକକ ନିଭୃତ କୋଠରୀ ଆଲୋଚ଼ନା ସମଗ୍ର ରାଜ୍ୟବାସୀଙ୍କୁ ଦ୍ୱନ୍ଦରେ ପକେଇ ରାଜ୍ୟ ବିଜେପି ନେତୃତ୍ୱର ମୁହଁ ବନ୍ଦ କରେଇବାରେ ସଫଳ ହେଇଛି। ପ୍ରାରମ୍ଭରୁ ପୋଡା ଟ୍ରାନ୍ସଫର୍ମର କହି ଟାହିଟାପରା କରୁଥିବା ବିଜେପି ନେତୃତ୍ୱର ଏବେ ସେଭଳି ସଣ୍ଢୁଆସୀ ଆକ୍ରମଣ ଦେଖିବାକୁ ମିଳୁନି। ବ୍ୟକ୍ତିଗତ ସଚ଼ିବଙ୍କୁ ନେଇ ଅନେକ ଦିନ ଧରି ଚ଼ାଲିଥିବା ତୁମ୍ଭିତୋଫାନ ଖୋଦ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ନିରାଧାର ପ୍ରମାଣିତ। ଭୁବନେଶ୍ୱର ସାଂସଦ ଅପରାଜିତା ସଡଙ୍ଗୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଲିଖିତ ଅଭିଯୋଗ ଏବେ ଶୀତଳ ଭଣ୍ଡାରରେ। ଅଧିକନ୍ତୁ, ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସଫଳ ନେତୃତ୍ୱ ପାଇଁ ଦଶରୁ ଆଠ ନମ୍ବର ଦେବା ରାଜ୍ୟ ରାଜନୀତିରେ ବେଶ ହଟଚ଼ମଟ ସୃଷ୍ଟି କରିଛି। କଂଗ୍ରେସ ବିଜେଡିକୁ ବିଜେପିର ଛାୟାଦଳ ବୋଲି ଅଭିହିତ କରୁଥିଲା ବେଳେ, ରାଜ୍ୟ ବିଜେପିର ପାଟି ଚୁପ। ଦେଶର ଅନ୍ୟ ଅଣବିଜେପି ଦଳ ଶାସିତ ରାଜ୍ୟଗୁଡିକରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ, ଆୟକର ବିଭାଗ ତରଫରୁ ଘନଘନ ତନାଘନା ଜାରି ରହିଥିବା ବେଳେ, ଓଡିଶାରେ ସେଭଳି କିଛି ନହେବା କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାର ଭିତରେ ଏକ ଅଘୋଷିତ ବୁଝାମଣ ଆଡକୁ ଇସାରା କରେ। କେନ୍ଦ୍ର ବିଜେପିର ସଫଳତାରେ ଯେ ରାଜ୍ୟ ବିଜେଡିର ନିସନ୍ଦେହରେଏକ ପ୍ରଚ଼ଛନ୍ନ ଭୂମିକା ରହିଛି, ଏହା ଉଭୟ ରାଜ୍ୟ ଓ ଦେଶବାସୀ ସହ ଶାସକ ଓ ବିରୋଧୀଗୋଷ୍ଠୀର ସମସ୍ତ ନେତୃମଣ୍ଡଳୀଙ୍କୁ ଜଣା। ତେଣୁ ଆଗାମୀ ୨୦୨୪ ସାଧାରଣ ନିର୍ବାଚ଼ନ ସହ ଓଡିଶା ବିଧାନସଭାର ନିର୍ବାଚ଼ନ ପାଇଁ ରାଜ୍ୟ ବିଜେପି ନେତୃତ୍ୱ ବିଜେଡି ବିରୁଦ୍ଧରେ କି ନୀତି ଆପଣେଇବ, କ୍ରମାଗତ ଅନ୍ତର୍ଦ୍ୱନ୍ଦରେ ଦିନକୁ ଦିନ ଦୁର୍ବଳ ହେଉଥିବା ରାଜ୍ୟ କଂଗ୍ରେସର ଆଭିମୁଖ୍ୟ କ'ଣ ରହିବ, ଜନସାଧାରଣ ତାକୁ କେମିତି ଗ୍ରହଣ କରିବେ ଓ କି ନିଷ୍ପତ୍ତି ନେବେ, ଏସବୁ ଏବେ ଏକ ଜଟିଳ ପରିସ୍ଥିତି ସୃଷ୍ଟି କରୁଛି।

ସର୍ବଭାରତୀୟ ପ୍ରସଙ୍ଗ ଆଲୋଚ଼ନାରେ, 'ଭାରତ' ଅଥବା 'ଇଣ୍ଡିଆ' ମଧ୍ୟରୁ କେଉଁ ନାମଟି ଆମ ଦେଶ ପାଇଁ ପ୍ରଯୁଜ୍ୟ ତାକୁ ନେଇ ବିଗତ କେଇଦିନ ହେଲା ଜୋରଦାର ଚ଼ର୍ଚ୍ଚା ଓ ବାଦବିବାଦ। 'ଭାରତ' ନାମକୁ ସମର୍ଥନ କରୁଥିବା ବିଜେପି ଏବଂ ଏନଡିଏ ମେଣ୍ଟର ରାଜନୈତିକ ଦଳ ଓ ସେମାନଙ୍କ ସମର୍ଥକଙ୍କ କହିବା କଥା ହେଲା ବୈଦିକ ଯୁଗରୁ ଆମ ଦେଶର ନାମ ଭାରତ ଭାବେ ବିଖ୍ୟାତ। ଭାରତୀୟତା ଆମର ପରିଚ଼ୟ। 'ଇଣ୍ଡିଆ' ଏକ ଔପନିବେଶବାଦ ମାନସିକତା ଯାହା ଇଂରେଜମାନଙ୍କ ଦ୍ୱାରା ପ୍ରଦତ୍ତ। ତେଣୁ ଆମର ଅସ୍ମିତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମ ଦେଶର ନାମ 'ଭାରତ' ହେବା ଜରୁରୀ। ନାମ ପରିବର୍ତ୍ତନକୁ ବିରୋଧ କରୁଥିବା ବିରୋଧୀଦଳ ମାନଙ୍କ ଯୁକ୍ତି ହେଲା ଦେଶର ଗଣତନ୍ତ୍ର ଓ ସମ୍ବିଧାନକୁ ବାରମ୍ବାର ବେଖାତିର ଓ ଅସମ୍ମାନ କରୁଥିବା ଶାସକ ବିଜେପି ଦଳକୁ କ୍ଷମତାରୁ ହଟାଇବାକୁ ଆଗାମୀ ୨୦୨୪ ସାଧାରଣ ନିର୍ବାଚ଼ନ ଲଢିବା ପାଇଁ ସେମାନେ ମିଳିତ ଭାବେ 'ଇଣ୍ଡିଆ' (ଇଣ୍ଡିଆନ ନ୍ୟାସନାଲ ଡେଭଲ୍ପମେଣ୍ଟାଲ ଇନକ୍ଲୁସିଭ୍ ଆଲିଆନ୍ସ ବା ଓ.ଘ.ଡ.ଓ.ଇ) ମେଣ୍ଟ ଗଢିବାରୁ ବିଜେପି ସରକାର ପରାଜୟ ଭୟରେ 'ମୂଳୁ ମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ବା କଳି' ନ୍ୟାୟରେ ଦେଶର ନାମ 'ଇଣ୍ଡିଆ' ପରିବର୍ତ୍ତେ 'ଭାରତ' ରଖିବା ପାଇଁ ବ୍ୟଗ୍ରତା ପ୍ରକାଶ କରିଛନ୍ତି। ସର୍ବୋପରି, ଭାରତୀୟ ସମ୍ବିଧାନର ଅନୁଚ୍ଛେଦ - ୧ ରେ 'ଇଣ୍ଡିଆ' ଓ 'ଭାରତ' ଉଭୟ ଶବ୍ଦ (ଇଣ୍ଡିଆ ଦାଟ୍ ଇଜ ଭାରତ ସାଲ ବି ଏ ୟୁନିୟନ ଅଫ୍ ଷ୍ଟେଟ୍ସ) ଲିପିବଦ୍ଧ ହୋଇ ଉଭୟ ନାମରେ ଆମ ଦେଶ ବହୁ ପ୍ରସିଦ୍ଧି ଲାଭ କରିଥିବାରୁ, ନାମ ପରିବର୍ତ୍ତନର ଆବଶ୍ୟକତା ନାହିଁ ବୋଲି ସମ୍ବିଧାନ ବିଶେଷଜ୍ଞମାନଙ୍କର ମତ। କେହି କେହି ଗ୍ରାମାଞ୍ଚଳକୁ ଭାରତ ଓ ସହରାଞ୍ଚଳକୁ ଇଣ୍ଡିଆ ବୋଲି ଅଭିହିତ କରି ଇଣ୍ଡିଆର ଜୀବନ ଭାରତ ଭିତରେ ରହିଛି ବୋଲି କହନ୍ତି। ତେଣୁ, ସଗର୍ବ ? ଆମେ ନିଜକୁ ଉଭୟ ଇଣ୍ଡିଆନ ଏବଂ ଭାରତୀୟ ଭାବେ ପରିଚ଼ୟ ଦେଇଆସୁଥିବା ବେଳେ, ସାଧାରଣ ନିର୍ବାଚ଼ନ ପୂର୍ବରୁ ଦେଶର ନାମ ପରିବର୍ତ୍ତନ ଭଳି ଏକ ଅପ୍ରାସଙ୍ଗିକ ପ୍ରସ୍ତାବ ରଖି କେନ୍ଦ୍ର ସରକାର ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ଅନେକ ବୁଦ୍ଧିଜୀବିଙ୍କର ମତ।

ସେହିଭଳି ଅନ୍ୟ ଏକ ବିବାଦୀୟ ପ୍ରସଙ୍ଗ ହେଲା 'ଏକ ଦେଶ, ଏକ ନିର୍ବାଚ଼ନ'। ବିଧି ଆୟୋଗ ଏବଂ ସଂସଦୀୟ ସ୍ଥାୟୀ କମିଟି ବହୁ ପୂର୍ବରୁ ସାଧାରଣ ନିର୍ବାଚ଼ନ ସହ କେବଳ ରାଜ୍ୟ ବିଧାନସଭାଗୁଡିକର ନିର୍ବାଚ଼ନ ଏକକାଳୀନ କରାଯିବା ପାଇଁ ମତାମତ ରଖିଥିଲେ ହେଁ, କେନ୍ଦ୍ର ସରକାର ସମସ୍ତ ପୌର ପରିଷଦ ଓ ପଞ୍ଚାୟତ ନିର୍ବାଚ଼ନକୁ ମିଶାଇ ଏହାର କାର୍ଯ୍ୟକାରୀତା ଓ ଅନ୍ୟାନ୍ୟ ସମ୍ଭାବ୍ୟ ସକାରାତ୍ମକ ଦିଗ ଉପରେ ସବିଶେଷ ବିଶ୍ଳେଷଣ ପାଇଁ ୨ ସେପ୍ଟେମ୍ବର ୨୦୨୩ରେ ଭାରତର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧକ୍ଷତାରେ 'ଏକ ଦେଶ, ଏକ ନିର୍ବାଚ଼ନ' ନାମକ ଆଠ ଜଣିଆ ଉଚ଼୍ଚ ସ୍ତରୀୟ କମିଟି ଗଠନ କରି ଯେଉଁ ବିଧିବଦ୍ଧ ରାଜପତ୍ର ଜାରି କରିଛନ୍ତି, ତା'ର ଧାରା - ୪ରେ ଥିବା ସର୍ତ୍ତାବଳୀଗୁଡିକୁ ବିଶ୍ଳେଷଣ କଲେ ସ୍ପଷ୍ଟ ବୁଝାପଡୁଛି ଯେ ନିଜର ମତାମତ ନୁହେଁ ବରଂ ସରକାରଙ୍କୁ ସୁହାଇଲା ଭଳି କ'ଣ କ'ଣ ସବୁ ଅନୁମୋଦନ କରିବାକୁ ହେବ ସେଥିପାଇଁ କମିଟିକୁ ସିଧାସଳଖ ନିର୍ଦ୍ଦେଶ ଦେଇଛନ୍ତି। 'ଏକ ଦେଶ, ଏକ ନିର୍ବାଚ଼ନ' ପାଇଁ ଗୃହର ଅବଧି ଓ ରାଷ୍ଟ୍ରପତିଙ୍କ ଦ୍ୱାରା ଲୋକସଭାକୁ ଭଙ୍ଗ କରିବା ପାଇଁ ସମ୍ବିଧାନର ଧାରା ଯଥାକ୍ରମେ ୮୩ ଓ ୮୫, ରାଜ୍ୟ ବିଧାନସଭାଗୁଡିକର ଅବଧି ଓ ଭଙ୍ଗ ପାଇଁ ଯଥାକ୍ରମେ ଧାରା ୧୭୨ ଓ ୧୭୪ ଏବଂ ରାଜ୍ୟମାନଙ୍କରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ଧାରା ୩୫୬ ଭଳି ଅତି କମରେ ୫ଟି ସାମ୍ବିଧାନିକ ସଂଶୋଧନ ଆଣିବାକୁ ସରକାର ଏକରକମ ବାଧ୍ୟ। ତେଣୁ କମିଟିକୁ ଏସବୁ ସଂଶୋଧନ ପାଇଁ ଅନୁମୋଦନ କରିବାକୁ ନିର୍ଦ୍ଦେଶ ଦେଇ କମିଟିର ଆଲୋଚ଼୍ୟ ବିଷୟବସ୍ତୁକୁ ସିମୀତ କରିବା ସହ ଅଧକ୍ଷଙ୍କ କ୍ଷମତାକୁ ପ୍ରାରମ୍ଭରୁ ସଙ୍କୁଚ଼ିତ କରି ସରକାର ନିଜର ଇପ୍ସିତ ସ୍ୱାର୍ଥ ହାସଲ ପାଇଁ ଫଳାଫଳ ଆଗରୁ ସ୍ଥିରୀକୃତ କରିସାରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। 'ଏକ ଦେଶ, ଏକ ନିର୍ବାଚ଼ନ' କମିଟି ଏକ ଔପଚ଼ାରିକତା ମାତ୍ର, ଯେଉଁଥିପାଇଁ ବିଜେପି ନେତୃତ୍ୱରେ ପରିଚ଼ାଳିତ କେନ୍ଦ୍ର ସରକାରର ଉଦ୍ଦେଶ୍ୟ ସନ୍ଦେହ ଘେରରେ।

ମହିଳା ସଂରକ୍ଷଣ ବିଲ୍ ପ୍ରତି ଉଭୟ ଶାସକ ଓ ବିରୋଧୀଦଳଗୁଡିକର ସମର୍ଥନ ଥିଲା ବେଳେ, ସଂସଦର ଉଭୟ ଗୃହରେ ଅନୁମୋଦନ କରେଇବା ପାଇଁ ଦୀର୍ଘ ଦିନର ସଂସଦୀୟ ପରମ୍ପରାକୁ ଭଙ୍ଗ କରି ୧୮ରୁ ୨୨ ସେପ୍ଟେମ୍ବର ୨୦୨୩ ପର୍ଯ୍ୟନ୍ତ ପ୍ରାକ ସୂଚ଼ନାବିହୀନ ସ୍ୱତନ୍ତ୍ର ଅଧିବେଶନ ଡାକିବା ଅନେକଙ୍କୁ ବିସ୍ମିତ କରିଛି। ବିଭିନ୍ନ କାରଣରୁ ୨୦୨୪ ସାଧାରଣ ନିର୍ବାଚ଼ନ ପୂର୍ବରୁ ଏହାର କାର୍ଯ୍ୟକାରିତା ସମ୍ଭବପର ହେଉନଥିବାରୁ, ସମ୍ପୂର୍ଣ୍ଣ ଗୋପନୀୟତା ରକ୍ଷାକରି ଏଭଳି ସ୍ୱତନ୍ତ୍ର ଅଧିବେଶନ ଡାକି କେବଳ ମହିଳା ଭୋଟ ହାତେଇବା ବିଜେପି ସରକାରର ଏକ ନିକୃଷ୍ଟ ପ୍ରୟାସ ବୋଲି ସାଧାରଣରେ ଆଲୋଚ଼ନା ହେଉଛି। ମହିଳା ସଂରକ୍ଷଣ ବିଲ ସଂସଦର ଉଭୟ ଗୃହରେ ଅନୁମୋଦିତ ହେଇଗଲା ପରେ ବିଜେପି ନିଜକୁ ଏହାର ଶ୍ରେୟ ଦେଇ ଗାଁ ଗାଁରେ ପ୍ରଚ଼ାର କରିବାକୁ ଅଣ୍ଟା ଭିଡିଥିବା ବେଳେ, ବିଜେଡି ଆରମ୍ଭରୁ ଏହି ବିଲ ସପକ୍ଷରେ ବୋଲି ଓଡ଼ିଶାର ଜନସାଧାରଣ ଅବଗତ। ଜଣେ ଅଞ୍ଜନା ମିଶ୍ର ବଳାତ୍କାର ଘଟଣାରେ ଓଡ଼ିଶାରେ ଭୁଷୁଡି ପଡିଥିବା କଂଗ୍ରେସ ସରକାର ଏଯାଏଁ ଅଣ୍ଟା ସଳଖେଇ ଠିଆ ହେଇ ପାରୁ ନଥିବା ବେଳେ, 'ମା'କୁ ସମ୍ମାନ'ର ନାରା ଦେଇ ଇତିଶ୍ରୀ, ସ୍ମିତାରାଣୀ, ବେବିନା, ମାଧବୀଲତା, କୁନ୍ଦୁଲି ଓ ମମିତାଙ୍କ ଛାତିଥରା ଘଟଣା ପରେ ବି ଦୀର୍ଘ ୨୪ ବର୍ଷ ନିରବଚ଼ଛିନ୍ନ ଶାସନ କ୍ଷମତା ଭୋଗ କରୁଥିବା ବିଜେଡି ସରକାର ଓ ମଣିପୁର ଭଳି ସ୍ପର୍ଶକାତର ଘଟଣାରେ ଦୀର୍ଘଦିନ ଧରି ଚୁପ ରହିଥିବା କେନ୍ଦ୍ରର ବିଜେପି ସରକାରଙ୍କ ପାଇଁ ଆଗାମୀ ଦିନରେ ଦେଶର ମହିଳା ଭୋଟରମାନେ କି ପଦକ୍ଷେପ ନେବେ, ଏବେ ଦ୍ୱନ୍ଦରେ।

*ୱାର୍ଡ ନଂ-୧ (ପଦ୍ମପୁର), ଆନନ୍ଦପୁର*
*ପୌର ପରିଷଦ*
*କେନ୍ଦୁଝର - ୭୫୮୦୨୧*
*ମୋବାଇଲ : ୯୪୩୭୦୨୨୬୬୯*

# ତିନି ଥାକିଆ ଶାସନ ନିୟମକୁ ଦ୍ୱିଥାକିଆ କରି



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଦେଶ ଶାସନକୁ ବାଦ ଦେଇ ରାଜ୍ୟ ଶାସନ ପ୍ରଣାଳୀରେ ଗଣତନ୍ତ୍ରରେ ତିନି ଥାକ ଅଛି। ଏକ ଶାସନକୁ ଆସିଥିବା ଦଳପତି ବା ତାଙ୍କର ମୁଖ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଓ ବିଧାୟକ ମାନଙ୍କ ମଧ୍ୟରୁ ଯୋଗ୍ୟ ଦେଖି ବିଭିନ୍ନ ବିଭାଗୀୟ ମନ୍ତ୍ରୀ ଓ ମନ୍ତ୍ରୀ ମାନଙ୍କୁ ପୂର୍ବରୁ ରାଜ୍ୟରେ ରହିଥିବା ଅଫିସର ମାନଙ୍କୁ ଶାସନରେ ସାହାଯ୍ୟ ପାଇଁ ସର୍ବଦା ଦାୟିତ୍ୱରେ ରଖାଯାଇଥାଏ। ଏଇ ଅଫିସର କାର୍ଯ୍ୟନିର୍ବାହୀମାନେ ପୁଣି ସ୍ୱ ସ୍ୱ ଅଫିସରେ ତିନିଥାକରେ ରାଜ କରନ୍ତି। କିରାନୀ ଓ ଚପରାସୀ ମଧ୍ୟରେ ତାଙ୍କର କାର୍ଯ୍ୟାବଳୀ କିରାନୀଙ୍କ ମଧ୍ୟରେ ବଡ଼ବାବୁ, ବରିଷ୍ଠ କିରାନୀ ଓ କନିଷ୍ଠ କିରାନୀ ଅଛନ୍ତି। ଚପରାସୀଙ୍କ ପାହ୍ୟା ଅଛି ମାତ୍ର ତାଙ୍କର ବୟସ ସୀମା ବିଦ୍ୟା ଅନୁଭୂତିରେ ଏହାଙ୍କର ଗ୍ରେଡ଼ ନିର୍ଦ୍ଧାରଣ ହୁଏ।

ଏପରି ପୋଲିସ ବିଭାଗରେ ବି ଥାକ ଅଛି। ଇଂଜିନିୟରିଂ ବିଭାଗରେ ନିର୍ମାଣ ବିଭାଗରେ ଥାକ ଅଛି। ଏବେ ରାଜ ସରକାରରେ ନିର୍ବାଚିତ ମୁଖ୍ୟ ତାଙ୍କ ମନ୍ତ୍ରୀ ବିଭାଗ ଯଥେଷ୍ଟ କାର୍ଯ୍ୟକାରୀ ହେଲେ ବି ସେଥିରୁ କେତେ ଜଣଙ୍କ ମାତ୍ର ସ୍ୱ ବୋଲରେ ଚଳାଇ ଅନ୍ୟଙ୍କୁ ପ୍ରାଧାନ୍ୟ ନଦେଇ ଅଫିସରଙ୍କୁ ପ୍ରାଧାନ୍ୟ ଦେଉଛନ୍ତି। ଅଫିସର ପ୍ରକୃତରେ ଫାଇଲ ଧରି ବସିଥିବାରୁ ସବୁ ବିଭାଗର ମୂଳ ଚୁଳ ସବୁ ଜାଣନ୍ତି ମାତ୍ର ଏହାକୁ ସଠିକ ଉପସ୍ଥାପିତ କରିବା ଏଥିରେ କିଛି ପରିବର୍ତ୍ତନ ବା ସୁଧାର କରିବା ପାଇଁ ସମୟ ନଥିବା ମୁଖ୍ୟକୁ କିଞ୍ଚିତ ଜଣାଇ ବିଲକୁ ପାଶ କରାଇବା କରାଉଛନ୍ତି। ଅଫିସରଙ୍କ ମଧ୍ୟରେ ନିୟମରେ ଆସୁଥିବା ମୁଖ୍ୟଙ୍କୁ ପଛକୁ ରଖି କୁହାଳିଆ ବା ନିଜର କାର୍ଯ୍ୟକୁ ତାରିଫ କରୁଥିବା ଲୋକଙ୍କୁ ବାଛି ରାଜ୍ୟର ସ୍ୱାର୍ଥ ସାମୁହିକ ନଦେଖି ମୁଷ୍ଟିମେୟଙ୍କ କାମ କରାଉଛନ୍ତି। ପୁଣି କୌଣସି ବେଳେ ରାଜ୍ୟ ସରକାର ତାଙ୍କ ଯୋଜନା ହାତରେ ସାଧନ କରନ୍ତି ନାହିଁ। ଏହାକୁ ଅନେକ କ୍ଷେତ୍ରରେ ଠିକାରେ କରିବାକୁ ଠିକାଦାର ନିଯୁକ୍ତ କରନ୍ତି। ରାଜ୍ୟର ରାଜକୋଷରୁ ଅର୍ଥ ବିଭାଗୀୟ ଅଧିକାର ତୋଷରପାତ ପ୍ରତ୍ୟକ୍ଷ କରି ପାରନ୍ତିନାହିଁ। ଏଇ ଠିକାଦାର ସ୍ତରରେ ବର୍ତ୍ତମାନର ମାନ ଉଚ୍ଚାଙ୍ଗ ଦେଖାଇ ତାକୁ ନିମ୍ନସ୍ତରରେ ରଅଠଅରେ ସାରି ଅର୍ଥ ଉଠାଇଲେ ତାକୁ ଅନୁମୋଦନ କରିବା ବେଳେ କିଛି ପି.ସି. ସେବାବତ୍ତ ଠିକାଦାରଙ୍କ ପାଖରୁ ତୋଷରପାତ କରୁଛନ୍ତି। ଅଫିସର ଦରମା କେତେ, ଚାକିରୀ ତାଙ୍କର ସମ୍ପତ୍ତି ଧନ କେମିତି ଆଖି ଦୃଶିଆ ହେଉଛି। ଏମିତି ମୁଖ୍ୟଙ୍କ ଦ୍ୱାରା ସମ୍ମତିପ୍ରାପ୍ତ ତାଙ୍କ ପାଖଲୋକ ଅନ୍ୟ ରାଜ୍ୟର ଲୋକ ସେ ସେହି ଦକ୍ଷତାର ଠିକାଦାରଙ୍କୁ ଏ ସମୟରେ ମୁଖ୍ୟ ଠିକାଦେଇ ତାଙ୍କ ଦ୍ୱାରା ପେଟି କଣ୍ଟ୍ରାକ୍ଟର ଏ ରାଜ୍ୟରୁ ନିଆଯାଇ ଚିଠି କରି କାର୍ଯ୍ୟ କରି ଅର୍ଥ ବାଟମାରଣା କରୁଛନ୍ତି। ଏକଥା ଲୋକ ଜାଣୁଛନ୍ତି ମୁଖ୍ୟଙ୍କ ମନ୍ତ୍ରୀ ନିର୍ବାକ ଅତଏବ ଶତକଡ଼ା ଅର୍ଥ ବଳରେ କେତେ ଭାଗ କାମ ସମ୍ପୂର୍ଣ୍ଣ ହୋଇଛି କେହି ସାହାସ କରି କହୁନାହାଁନ୍ତି। ଏବେ ଏକ ବିଚିତ୍ର ପ୍ରଥା ସରକାର କରିଛନ୍ତି ପିସି ନାଁ ଗନ୍ଧ ରହିବ ନାହିଁ ବୋଲି ପ୍ରତ୍ୟକ୍ଷ ଲୋକଙ୍କୁ ଅର୍ଥ ସରକାରୀ ତହବିଲରୁ ପଠାଯାଉଛି। ମାତ୍ର ଏ ତହବିଲ ହାସଲ ପାଇଁ ଲୋକ କରିଥିବା କାମରେ ଠକେଇ ଗଲତି ନାହିଁ ଏକଥାର ସାର୍ଟିଫିକେଟ ପାଇଁ ଆଗଟଙ୍କା ପିସି ଦେଲେ ଏପରି ଅର୍ଥ ହାସଲ କରି ହେବ। ସରକାରୀ ତହବିଲ ଏକ ଦଶ ଏହା ୧୦ ଜଣକୁ ପୋଷିଲା ପରିସ୍ଥିତି ଅମ ରାଜ୍ୟରେ ଉପୁଜିଲାଣି। ଯୋଗ୍ୟ ଅଯୋଗ୍ୟ ହିତାଧିକାରୀ କେମିତି ବଞ୍ଚାଯିବେ ଏବେ ସମସ୍ୟା, ସଂଖ୍ୟାଲଘୁ ସତୁରୀ ବର୍ଷ ପରେ ଦୁଇ ପିଢ଼ୀ ଶେଷରେ ପହଞ୍ଚିଲେଣି ଅର୍ଥାତ୍ ପୂର୍ବବତ ସରକାରୀ ସହାୟତାରେ ଏମାନେ ଅଛନ୍ତି। ଅନେକ ବ୍ୟକ୍ତି ଯେଉଁମାନେ ଅତୀତରେ ଭଲରେ ଚଳୁଥିଲେ ସେମାନଙ୍କର ଅବସ୍ଥା ବାରଟା ବାଜିଲାଣି ଏକଥା କିଏ ଦେଖୁଛି ? ଡାକ୍ତରଖାନାରେ ଭଲ ଡାକ୍ତର ଭଲ ଯନ୍ତ୍ରଗାଡ଼ି, ଅଭାବ, ହେଲେ ନିଶୁଳ୍କ ସେବାରେ ରୋଗୀ ଉପକୃତ ହେଉଛନ୍ତିକି ? ଏହାବି ତିନି ଥାକିଆ। ଚାହିଦା ଦର୍ଶାଇବା, ଚାହିଦା ମେଣ୍ଟାଇବା ପାଇଁ ଉଦ୍ଦିଷ୍ଟ ଦପ୍ତର ଅନ୍ୟ ଭିନ୍ନ ଦପ୍ତର ଉପରେ ନିର୍ଭରଶୀଳ ସେ ଦପ୍ତର ଅର୍ଥର ଫିଟର ଦେଖି ଜିଭରୁ ଲାଳ ସମ୍ବରଣ କରି ନପାରି ଟେଣ୍ଡର କରି କିଛି ପିସି ମୋଟା ଅଙ୍କ ଦେଇ ନିରସ ଯନ୍ତ୍ରପାତି ଚାଲାଣ କରନ୍ତି ଯାହା ପରେ ତୁରନ୍ତ କାର୍ଯ୍ୟକାରୀରୁ ଅନ୍ତର ହୁଏ। ବା ମେସିନ ଯନ୍ତ୍ରପାତିର କ୍ରୟ ନକରି ଅନ୍ୟ ଘରୋଇ ସଂସ୍ଥାକୁ ପରୀକ୍ଷା ପାଇଁ ଠିକା ଦିଆଯାଏ। ତାଙ୍କୁ ହସପିଟାଲରେ ସ୍ଥାନ ଦିଆଯାଇ ରୋଗୀଙ୍କୁ ଲାଇନରେ ଠିଆ କରାଇବା ତାରିଖ ଦେଇ ପରୀକ୍ଷା କରାଯାଏ। ଏ ସବୁ ପରୀକ୍ଷା ବାବଦ ସରକାର ତହବିଲରୁ ଯାଏ ଓ ବିଭାଗୀୟ କର୍ତ୍ତା। ଦୀପ ତେଜିଲେ ତାଙ୍କ ହାତ ଚିକ୍କଣ ଏହି ଠିକାଦାରୀ ସଂସ୍ଥା କରାଏ। ଏ ତିନି ଥାକିଆ ଶାସନରେ ସମସ୍ତେ ଅନ୍ଧାରରେ ରହିବାକୁ ବାଧ୍ୟ। ଲମ୍ବାରାସ୍ତା, ରେଲରାସ୍ତା, ହେଲେ ରାସ୍ତାର ଦିଗନ୍ୟାସ ଅନେକ ଠିକାଦାରଙ୍କୁ ନିର୍ମାଣ ମରାମତି ଦିଆଯାଏ। ଏଥିରେ ରାସ୍ତାର ବିଭାଗ କର୍ତ୍ତା, ଠିକଦାର ଟେଣ୍ଡରଧାରୀ ଓ ପ୍ରେଟି କଣ୍ଟ୍ରାକ୍ଟର ତିନିଥାକିଆ କାମ ଶତକଡ଼ା ଶହେ କାଗଜପତ୍ରରେ ଶେଷ ମାତ୍ର ନିର୍ମାଣର ସ୍ଥାୟୀ ବା ସଠିକ ନିର୍ମାଣ ସୁଦୃଢ଼ ନିର୍ମାଣ ନିଶ୍ଚେ ହେରା ଫେରିରେ ହୋଇଥାଏ। ଏ ପାଇଁ କାହାର ଦୋଷ ଦୁର୍ଘଟଣା ଅକାଳରେ ରାସ୍ତାକ୍ଷୟରେ ଦୋଷ ଦିଆଯିବ ? ମଝି ଥାକକୁ ସଦା ଦୁର୍ବଳ କରି ୧ମ ସ ୩ୟ ଥାକଙ୍କ ମଧୁର ଚନ୍ଦ୍ରିକା ଏବେ ଚାଲିଲାଣି ୩ୟ ଥାକରେ ନାଳୀ ଅଛି ଯାହା ୧ମ ଥାକ ଉପଭୋଗକୁ ଖୋଜରେ ଅଛନ୍ତି।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ଜାଗରଣର ନୂତନ ପର୍ବ

ରବିନାରାୟଣ ପଣ୍ଡା

ସମାଜ ଜାଗରଣ ଏକ ନିରନ୍ତର ପ୍ରକ୍ରିୟା । ଗୁରୁ ପରମ୍ପରା ଏହି ଚିରନ୍ତନ ପ୍ରକ୍ରିୟାକୁ ଆଗକୁ ବଢେଇ ଆସୁଥିଲେ । ସମାଜକୁ ପତନ ରୁ ରକ୍ଷା କରିବା ଏବଂ ଆଗକୁ ବଢିବା ପାଇଁ ଗତି ପ୍ରଦାନ କରିବା କାମ ଆମର ଏହି ଦିଗଦ୍ରଷ୍ଟାମାନେ କରି ଆସୁଥିଲେ । ଅଧୋପତନ ରୁ ଉଦ୍ଧାର ପାଇଁ ସମାଜ ସଂସ୍କାରକ ଭାବରେ ବ୍ୟବସ୍ଥା କୁ ନୂତନ ସମାଧାନ ଦେଉଥିଲେ । ଗ୍ରାମ, ନଗର, ବନ, ଗିରି, କନ୍ଦର ଆଦି ସବୁ ସ୍ଥାନରେ ଜ୍ଞାନର ଗଙ୍ଗା ପ୍ରବାହିତ କରିବା ପାଇଁ ଏହି ମହାତ୍ମାମାନେ ସଦା ତତ୍ପର ଥିଲେ । ବତୀଘର ସଦୃଶ ନାଗରିକମାନଙ୍କ ଭିତରେ ରହି ଜନମାନସକୁ ସଠିକ ରାସ୍ତାରେ ପରିଚାଳିତ କରୁଥିଲେ । ନିଜେ ପ୍ରକାଶମାନ ହେବା ସହ ନିଜର ଚତୁର୍ଦ୍ଦିଗ କୁ ପ୍ରକାଶିତ କରୁଥିଲେ ।

ଗବେଷଣା ଓ ବିତରଣ ହିଁ ଆମର ପ୍ରାଚୀନ ଗୁରୁ ପରମ୍ପରାର ମୁଖ୍ୟ ଅଙ୍ଗ ଥିଲା । ସନ୍ନ୍ୟାସୀ, ବ୍ରହ୍ମଚାରୀ ଓ ପରିବ୍ରାଜକମାନେ ଦେବୋତ୍ଥାନ ଠାରୁ ଦେବ ଶୟନ ପର୍ଯ୍ୟନ୍ତ ଚାରିମାସ ଗବେଷଣା କାର୍ଯ୍ୟ କରିବାର ପୁରୁଣା ପରମ୍ପରା ଏବେ ସୁଦ୍ଧା ଅନେକ ସ୍ଥାନରେ ଜୀବତ ଅଛି । ଶ୍ରବଣ, ମନନ, ନିଦିଧ୍ୟାସନ ଆଦି କାର୍ଯ୍ୟରୁ ଜ୍ଞାନର ଉଦ୍‌ଗମ ହେଉଥିଲା । ତପସ୍ୟା ଓ ଗେବେଷଣା ଲବ୍ଧ ଜ୍ଞାନକୁ ବିତରଣ କରିବା ପାଇଁ ଆଠ ମାସକୁ ବ୍ୟବହାର ହେଉଥିଲା । ଗୃହୀମାନେ ନିଜର ପାରମ୍ପରିକ ବୃତି ଚଳେଇବା ସହ ନିୟମିତ ଜ୍ଞାନଭ୍ୟାସରେ ନିୟୋଜିତ ରହୁଥିଲେ । ପ୍ରତ୍ୟେକ ମୋଡରେ ସମାଜ ନିର୍ମାତା (ଝକ୍ଟମସବକ୍ଷ ରଭଶସଭରରକ୍ୱଣ୍ସ) ଉପଲବ୍ଧ ହେଉଥିଲେ । ବୈଚାରିକ ପ୍ରବୋଧନ କାର୍ଯ୍ୟ ଏକ ସ୍ୱାଭାବିକ ପ୍ରକ୍ରିୟାରେ ରୂପାନ୍ତର ହୋଇ ଯାଇଥିଲା । ସମାଜରେ ଏହା ଏକ ଅଭିନ୍ନ ଅଙ୍ଗ ହୋଇ ଯାଇଥିଲା । ଯେଉଁଥିରୁ ଉନ୍ନତ କଳା, ସଂସ୍କୃତି, ସାହିତ୍ୟ, ବିଜ୍ଞାନ ଆଦି ବିଷୟ ଚରମ ଶିଖର ଛୁଇଁ ଚାଲିଥିଲା । ପ୍ରତ୍ୟେକ ବ୍ୟକ୍ତି ନିଜ ଜ୍ଞାନର ପରାକାଷ୍ଠା ଦ୍ୱାରା ଧର୍ମ / ଅଧର୍ମ, ସଂସ୍କୃତି / ବିକୃତି, ଶତ୍ରୁ / ମିତ୍ର ଭିତରେ ଥିବା ସୁକ୍ଷ୍ମ ପାର୍ଥକ୍ୟ ଜାଣି ପାରୁଥିଲା । ନିଜର କର୍ତବ୍ୟ ଜ୍ଞାନ ଆଧାରରେ ସହଜରେ ଏହି କାର୍ଯ୍ୟ ସମ୍ପାଦନ କରୁଥିଲେ । ଏହି ସ୍ୱାଭାବିକ ପ୍ରକ୍ରିୟା ପାଇଁ କୌଣସି ବିଶ୍ୱବିଦ୍ୟାଳୟ ଯିବାକୁ ପଡୁନଥିଲା । ବରଂ ଏକ ଆତ୍ମ ଶିକ୍ଷତ ସମାଜ ବ୍ୟବସ୍ଥା ଛିଡା ହୋଇ ଥିଲା ।

ଗୁରୁ / ସମାଜ ସୁଧାରକ / ସମାଜ ଯନ୍ତ୍ରୀ ନିର୍ମାଣ ହୁଅନ୍ତୁ ତା ପାଇଁ ଅନୁକୂଳ ପରିବେଶ ନିର୍ମାଣ କରିବା ଦାୟିତ୍ୱ ମଧ୍ୟ ସମାଜ ନେବା ଉଚିତ । ଆମ ସମାଜରେ ରାଜା ଠାରୁ ପ୍ରଜା ପର୍ଯ୍ୟନ୍ତ ସମସ୍ତେ ଏହି ନିର୍ମାଣ ପ୍ରକ୍ରିୟା ପାଇଁ ସ୍ନେହ, ଶ୍ରଦ୍ଧା, ସମର୍ପଣ ପ୍ରଦର୍ଶନ କରୁଥିଲେ । ଆମର ଗୁରୁ ପରମ୍ପରା ଏକ ସମ୍ମାନ ଜନକ ସ୍ଥାନ ଅଧିକାର କରିଥିଲା । ସେହି ମହାନ ପରମ୍ପରାକୁ ସଶକ୍ତ କରିବା ପାଇଁ ଆମେ ପ୍ରକାଶିତ ରୂପରେ ସେମାନଙ୍କ ପ୍ରତି ଶ୍ରଦ୍ଧା ପ୍ରଦର୍ଶନ କରିବା ଉଚିତ ହେବ ।

ଏହି ପରମ୍ପରା ଗତିଶୀଳ ଓ ମଜବୁତ ହେଲେ ଆମ ସମାଜ ଓ ରାଷ୍ଟ୍ର ଅଜେୟ ହେବ । ଚିରଞ୍ଜିବି ରାଷ୍ଟ୍ର ପାଇଁ ଆମର ପୂର୍ବ ପୁରୁଷମାନେ ଏପରି ବହୁ ପ୍ରରୀକ୍ଷିତ ରାସ୍ତା ଆପଣେଇ ଥିଲେ । ଏହି ସବୁ ବ୍ୟବସ୍ଥାର କେନ୍ଦ୍ର ଥିଲା ଗୁରୁ ଆଧାରିତ ଜ୍ଞାନ ପରମ୍ପରା । ଏହି ପରମ୍ପରା ର ପୁନରୁଥାନ ପାଇଁ ବୈଚାରିକ ପ୍ରବୋଧନ ମାଧ୍ୟମରେ ପ୍ରଥମେ ସମାଜ ନେତୃତ୍ୱର ଜାଗରଣ କରିବାକୁ ପଡିବ । ସେମାନଙ୍କ ଭିତରେ ଆମର ଜ୍ଞାନ ପରମ୍ପରା ପ୍ରତି ବିଶ୍ୱାସ, ଶ୍ରଦ୍ଧା ଓ ନିଷ୍ଠା ନିର୍ମାଣ କରିବାକୁ ପଡିବ । ସମୟ କ୍ରମେ ପାଶ୍ଚାତ୍ୟ ଧାରା ପ୍ରବାହରେ ଭାସୁ ଥିବା ଆମର ବିଦ୍ୱାନମାନଙ୍କୁ ପୁନଃ ସ୍ମରଣ କରେଇବାକୁ ପଡିବ । ସୁଗ୍ରୀବ ହୋଇ ପୁନଃ ସ୍ମରଣ କାର୍ଯ୍ୟ ସେହିମାନେ କରିପାରିବେ, ଯେଉଁମାନେ ଭାରତୀୟତା ଉପରେ ନିଜର ବିଶ୍ୱାସ ଅତୁଟ ରଖିଛନ୍ତି । ଏହି କାର୍ଯ୍ୟ କଷ୍ଟକର ଅଛି । ଅନ୍ୟ କୌଣସି ରାସ୍ତା ଦେଖାଯାଉ ନଥିବା କାରଣରୁ ଭାରତୀୟ ବିଦ୍ୱାନ ମାନଙ୍କୁ ଏହି କଷ୍ଟକର କାର୍ଯ୍ୟ କରିବାକୁ ପଡିବ । କାରଣ ଗୋଟିଏ ଜାତି ଓ ଦେଶର ଭବିଷ୍ୟତ ଏହି କାର୍ଯ୍ୟ ଉପରେ ନିର୍ଭର କରୁଛି । ସମୟର ଆହ୍ୱାନକୁ ଯେଉଁ ମାନେ ଯେତିକି ଉପେକ୍ଷା କରିବେ, ସମୟ ସେମାନଙ୍କୁ ସେତିକି ଉପେକ୍ଷା କରିବ । ଏହି ଉପେକ୍ଷା କାରଣରୁ ଆମେ ସ୍ୱାଧୀନତାର ୭୫ ବର୍ଷ ପରେ ବି ବିଶ୍ୱର ଉପେକ୍ଷିତ ହୋଇ ରହିଥିଲୁ । ସମ୍ଭବତଃ ଆଗାମୀ ୨୫ ବର୍ଷ ଭାରତୀୟମାନଙ୍କ ପାଇଁ ସାଧନାର କାଳଖଣ୍ଡ । ସ୍ୱାଧୀନତା ର ୧୦୦ ବର୍ଷ ପୂରଣ ହେଲା ବେଳକୁ ଆମେ ଆମ ସ୍ୱପ୍ନର ଭାରତ ଦର୍ଶନ କରି ପାରିବା । ସମୟର ଏହି ଆହ୍ୱାନକୁ ଦୃଷ୍ଟିରେ ରଖି ଜଣେ ମହାନ ରାଷ୍ଟ୍ରଭକ୍ତ କବି ଲେଖିଛନ୍ତି...

ସମୟ ମାଗୁଛି ସମୟ ଆଜି
ଆମେରେ ଉତର ସାଧକ ସାଜି
ସାଧନାର ବଳେ ଆଣିବୁ ଭୁତଳେ
ନବଯୁଗ ଭାଗିରଥି ।

ପ୍ରଥମେ ସାଧନା, ତାପରେ ଆସେ ସିଦ୍ଧି, ତାପରେ ଆସେ ବିଜୟ । ବୀଜୟୀ ବୀର ହେବାକୁ ହେଲେ ଆମକୁ ସମୟର ଆହ୍ୱାନକୁ ସ୍ୱୀକାର କରିବା ସହ ନିଜକୁ ଉପଯୋଗୀ କରିବାକୁ ପଡିବ । ତାହେଲେ ଯାଇ ନିଜ ସହିତ, ନିଜ ରାଷ୍ଟ୍ରର ଭବିଷ୍ୟତ ଉଜ୍ଜଳ ହୋଇ ପାରିବ ।

*ମଠସାହି, ଭଦ୍ରକ,*
*ମୋବାଇଲ-୯୪୩୭୦୧୭୮୫୭*

PARYABEKHYAK



# ମୋ ଗାଁ

## ମୁଖ୍ୟମନ୍ତ୍ରୀଙ୍କ କୃତଜ୍ଞତା ଜଣାଇଲେ ଭଦ୍ରକ ବିଧାୟକ, ସାଂସଦ ଓ ଜିଲ୍ଲା ବିଜେଡି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭଦ୍ରକ ଜିଲ୍ଲା ପୁଣି ଏକ ମାଇଲଷ୍ଟୋନ : ବିଧାୟକ

ଭଦ୍ରକ, (ପି.ଏନ): ଭଦ୍ରକ ଜିଲ୍ଲାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ପୁଣି ଏକ ମାଇଲଷ୍ଟୋନ । ଭଦ୍ରକ ଜିଲ୍ଲାରେ ନିର୍ମାଣଧୀନ ନୂତନ ୩ଶହ ଶଯ୍ୟା ବିଶିଷ୍ଟ ଜିଲ୍ଲା ହସ୍ପିଟାଲ ଓ ନୂତନ ଭାବେ କାର୍ଯ୍ୟକ୍ଷମ ହୋଇଥିବା ମାତୃଶିଶୁ ଚିକିତ୍ସାଳୟ(ଏମସିଏଚ) ନିକଟରେ ପ୍ରାୟ ଅଢେଇ ଏକର ଜମିରେ ନିର୍ମିତ ହେବାକୁ ଯାଉଛି ୧ଶହ ଶଯ୍ୟା ବିଶିଷ୍ଟ ଏକ ଅତ୍ୟାଧୁନିକ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ । ଆଜି ଏହି ମଲ୍ଟି ସ୍ପେସିଆଲିଟି ହସ୍ପିଟାଲର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଚୁକ୍ତିନାମା ସ୍ୱାକ୍ଷରିତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ସାଂସଦ ମଞ୍ଜୁଲତା ମଣ୍ଡଳ । ଏଥିସହ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲ୍ଲା ପରିଷଦ ସଭ୍ୟ ତଥା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ମଳୟ ଜେନା, ଟାଉନ ବିଜେଡି ସଭାପତି ତାହେର ମହମ୍ମଦ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରଣୟ ଦାସ, କାଉନସିଲର-ଆଶୀଷ ଅମିତାଭ ମହାପାତ୍ର, ସେଖ ଗରିବୁଲ୍ଲା, ପ୍ରାକ୍ତନ କାଉନସିଲର ସେଖ ସମଦାନୀ ଓ ଗୋଲାମ ମଇଉଦ୍ଦିନ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଦେବୀଦ । ମହାନ୍ତି, ମହିଳା ନେତ୍ରୀ ମମତା ନାୟକ, ଦଳିତ ନେତା ରାଜେନ୍ଦ୍ର ଜେନା ପ୍ରମୁଖ ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ । ଆଜି ସନ୍ଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା 'ଆଇ ଲଭ୍ ଭଦ୍ରକ'ଷ୍ଟାଣ୍ଡପୋଷ୍ଟ ଠାରେ ବିଧାୟକ ଶ୍ରୀ ମଲ୍ଲିକଙ୍କ ନେତୃତ୍ୱରେ ସମସ୍ତେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ । ବିଧାୟକ ଶ୍ରୀ ମଲ୍ଲିକ ତାଙ୍କ ପ୍ରତିକ୍ରୀୟାରେ, ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଅର୍ପଣ କରିବା ସହ ଭଦ୍ରକରେ ପିପିପି ମୋଡରେ କେୟାର, ଆମ୍ରି ଓ କଳିଙ୍ଗ ହସ୍ପିଟାଲ ଭଳି ୧୦୦ଶଯ୍ୟାର ଏକ ଅତ୍ୟାଧୁନିକ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ଭଦ୍ରକରେ ନିର୍ମିତ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଚୁକ୍ତିନାମା ସ୍ୱାକ୍ଷରିତ ହେବା ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟସେବାରେ ଆଉ ଏକ ମାଇଲଷ୍ଟୋନ ବୋଲି କହିଥିଲେ । ଭଦ୍ରକ ଜିଲ୍ଲା ଗେଲପୁର ଠାରେ ନୂତନ ଜିଲ୍ଲା ହସ୍ପିଟାଲ ନିକଟକରେ ଏହି ହସ୍ପିଟାଲ ପ୍ରତିଷ୍ଠା କରାଯାଉଛି । କାରଣ, ଗୁରୁତର ରୋଗୀଙ୍କୁ ତୁରନ୍ତ ଉକ୍ତ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ କୁ ନେଇ ଚିକିତ୍ସା କରାଯାଇ ପାରିବ ବୋଲି ବିଧାୟକ ଶ୍ରୀ ମଲ୍ଲିକ କହିଥିଲେ । ଏହି ହସ୍ପିଟାଲରେ-ଟ୍ରମାକେୟାର, କ୍ରିଟିକାଲ କେୟାର ସହିତ ସମସ୍ତ ପ୍ରକାର ଚିକିତ୍ସା ବ୍ୟବସ୍ଥା ରହିବ ଓ ପ୍ରାୟ ୭୫ କୋଟି ଟଙ୍କାର ଅଟ୍ଟକଳ ରହିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଣିକି ଗୁରୁତର ରୋଗୀଙ୍କୁ ଆଉ କଟକ, ଭୁବନେଶ୍ୱରକୁ ଅଧିକ ସମୟ ଓ ଖର୍ଚ୍ଚାନ୍ତ ହେବାକୁ ପଡିବ ନାହିଁ । ବିଏସକେୱାଇଁ କାର୍ଡ ସୁବିଧା ଉପଲବ୍ଧ ହେବା ସହ ସାଧାରଣ ରୋଗୀଙ୍କୁ ମଧ୍ୟ କମ୍ ଖର୍ଚ୍ଚରେ ଚିକିତ୍ସାସେବା ମିଳିବ ବୋଲି ବିଧାୟକ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି ।

## ଧର୍ମ ପରାୟଣା ମହିଳା ତଥା ବିଶିଷ୍ଟ ସମାଜସେବିକା କିରଣବାଳାଙ୍କ ଅଷ୍ଟମ ବାର୍ଷିକ ସ୍ମୃତି ସମାରୋହ

ଭଦ୍ରକ, (ପି.ଏନ): ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇ ଜଣେ ବିଶିଷ୍ଟ ଶିଳ୍ପଦ୍ୟୋଗୀ ତଥା ସମାଜସେବୀ ଘରର ବୋହୂ ହୋଇ ଦିନ ଦରିଦ୍ର ଲୋକଙ୍କ ସେବାକରିବା ମଧ୍ୟରେ ବହୁ ଧର୍ମକାର୍ଯ୍ୟ କରିଥିବା କିରଣବାଳାଙ୍କ କର୍ମ ତାଙ୍କୁ ଚିରକାଳ ସ୍ମରଣୀୟ କରି ରଖିବ ବୋଲି ମହିୟସୀ ଧର୍ମପରାୟଣା ମହିଳା ସ୍ୱର୍ଗତ କିରଣବାଳା ବେହେରାଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକ ସ୍ମୃତି ସମାରୋହରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ତୁଳସୀ ଦୁଇପତ୍ରରୁ ବାସିଲା ଭଳି କିରଣବାଳା ଅବିଭକ୍ତ ବାଲେଶ୍ୱର ଜିଲାର ନୀଳଗିରି ବାଉଁଶବଣିଆ ଗ୍ରାମରେ ଜନ୍ମହୋଇ ସମୟକ୍ରମେ ଭଦ୍ରକର ବିଶିଷ୍ଟ ଶିଳ୍ପପତି ରାମଚନ୍ଦ୍ର ବେହେରାଙ୍କ ଧର୍ମପତ୍ନୀ ଭାବେ ତାଙ୍କର ସମସ୍ତ କର୍ମରେ ସହଯୋଗ କରିବା ମଧ୍ୟରେ ଯେଉଁଭଳି ଗରିବ ଲୋକଙ୍କ ଦୁଃଖ ବୁଝୁଥିଲେ, ତାହା ସଦାସର୍ବଦା ବନ୍ଦନୀୟ । ଆଜି କିରଣବାଳାଙ୍କ ଅଷ୍ଟମ ସ୍ମୃତି ସମାରୋହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ତାଙ୍କର ଆବକ୍ଷ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ଏହି ଉତ୍ସବରେ ଭଦ୍ରକର ବହୁ ବୁଦ୍ଧିଜୀବୀଙ୍କ ସମେତ ତାଙ୍କର ସ୍ୱାମୀ ତଥା ବିଶିଷ୍ଟ ଶିଳ୍ପପତି ରାମଚନ୍ଦ୍ର ବେହେରା ,ଦୁଇ ସନ୍ତାନ ପୁତ୍ର ସୌମ୍ୟରଂଜନ ଓ କନ୍ୟା ଦୀପିକା ଉପସ୍ଥିତ ଥିଲେ । ଏହି ଅବସରରେ ତାଙ୍କ ବାସଭବନ ପରିସରରେ ନାମ ସଂକୀର୍ତ୍ତନ ଓ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବ୍ରହ୍ମଗିରିରେ ଜନ ପ୍ରତିନିଧିଙ୍କୁ ଆକ୍ରମଣ

ପୁରୀ, (ପି.ଏନ): ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ବିଜେଡ଼ି ପକ୍ଷରୁ ଶାନ୍ତିର ବାର୍ତ୍ତା ନେଇ ଜନ ସଂପର୍କ ପଦଯାତ୍ରା ଆରମ୍ଭ ହୋଇଛି । ଯେଉଁ ଅହିଂସା ମାର୍ଗକୁ ନେଇ ବିଜେଡ଼ି ପଦଯାତ୍ରା ଆରମ୍ଭ କରିଛି ସେଥିରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ବ୍ୟତିକ୍ରମ ଦେଖା ଦେଇଛି । ବିଜେଡ଼ିର ଯୁବ ନେତା ତଥା ୨୮ ନମ୍ବର ଜୋନର ଜିଲ୍ଲାପରିଷଦ ସଭ୍ୟ କୈଳାସ ପରିଡ଼ା ଜନ ସଂପର୍କ ପାଇଁ ଓ ଜନତାଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ କୃଷ୍ଣପ୍ରସାଦ ବ୍ଲକର ଏକ ଗ୍ରାମକୁ ଯାଇଥିଲେ । ସେଠାରୁ ଫେରିବା ସମୟରେ କେତେକ ଯୁବକ ମୁହଁରେ ରୁମାଲୁ ଓ କଳାକନା ବାନ୍ଧି କୈଳାସଙ୍କୁ ବିରୋଧ କରିବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣକାରୀ ଯୁବକମାନେ ସଂଞ୍ଜୟଙ୍କ ବ୍ୟତିତ ଅନ୍ୟ କେହି ବିଜେଡ଼ି ପକ୍ଷରୁ ସଭା ସମିତି କରି ପାରିବେ ନାହିଁ କହିବା ସହ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଛନ୍ତି । ଏହି ଘଟଣାକୁ ବ୍ରହ୍ମଗିରି,କୃଷ୍ଣପ୍ରସାଦ ଏବଂ ପୁରୀସଦର ବ୍ଲକ ଅଞ୍ଚଳରେ ବିଭିନ୍ନ ମହଲରେ ଘୋର ନିନ୍ଦା କରିଛନ୍ତି । ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ଜନତା କହୁଛନ୍ତି ପୁରୁଣା ନେତା ବ୍ରହ୍ମଗିରିର ଗାଁ ଗାଁ ରେ ଅଶାନ୍ତି ସୃଷ୍ଟି କରୁଛନ୍ତି । କୈଳାସ ପୁରୁଣା ନେତାଙ୍କ ଅତ୍ୟନ୍ତ ସହଯୋଗି ଥିବାବେଳେ କେତେକ କାନକୁହା କୁଜି ନେତାଙ୍କ ପରାମର୍ଶ କ୍ରମେ କୈଳାସଙ୍କୁ ପାଖରୁ ଦୂରେଇ ରଖିଛନ୍ତି । ଗତ ପଞ୍ଚାୟତ ନିର୍ବାଚନ ପର ଠାରୁ କୈଳାସ ବିଭିନ୍ନ ଗ୍ରାମକୁ ଯାଇ ବିଜେଡ଼ି ସଂଗଠନ ସୁଦୃଢ କରିବା ସହ ଜନତାଙ୍କ ଅଭିଯୋଗ ଶୁଣିବା ,ମାଙ୍ଗଳିକ କାର୍ଯ୍ୟକ୍ରମ ଓ ଶୁଦ୍ଧିକ୍ରିୟା କାର୍ଯ୍ୟକ୍ରମରେ ଯୋଗ ଦେଇ ଗ୍ରାମବାସୀଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତି । ଏଥିରେ ଅନ୍ତଃବିରୋଧୀ ହୋଇ ପୁରୁଣା ନେତା କେତେକ ଯୁବକଙ୍କୁ ପ୍ରବାବିତ କରି ଏଭଳି ଅହିଂସା ଆଚରଣ ସୃଷ୍ଟି କରୁଥିବା ସାତପଡ଼ା ଘାଟରେ ଲୋକମାନେ କହୁଛନ୍ତି । ପ୍ୟାରିଙ୍କ ମିଡ଼ ନାଇଟ ମିଶନ ବେଳେ କିଏ ଆର୍ନ୍ତଘାତି ଗୁପ୍ତ ସାଜି ଗୁରୁଙ୍କୁ ନାମ ଦେଇଥିଲେ । ଆୟୁଷ ଡ଼ାକ୍ତରାଣୀ ମାଧବୀ ଲତା ଓ ବ୍ୟକ୍ତିଗତ ସୁରକ୍ଷା କର୍ମୀ ଚିତରଞ୍ଜନଙ୍କ ହତ୍ୟାକାଣ୍ଡରେ ନିରବ ନିର୍ଦ୍ଦେଶକ ସାଜି ଚତୁର ରାଜନୀତିର ପରିଚୟ ସୃଷ୍ଟି କରିଥିଲେ । ଏ ସଂପର୍କରେ ବ୍ରହ୍ମଗିରିବାସୀ କହୁଛନ୍ତି ଜଣେ ପୁରୁଣା ନେତା ମୁଖ୍ୟମନ୍ତ୍ରୀଙ୍କୁ ଅଣ୍ଡା ଓ ଟେକା ମାଡ଼ କରି ହାରିଥିଲେ ଓ ଜିତି ପାରିନଥିଲେ । ଏବେର ପୁରୁଣା ନେତା ଗତ ନିର୍ବାଚନ ସମୟରେ ତାଙ୍କ ସହଯୋଗୀ ପଞ୍ଚାୟତ ସ୍ତରୀୟ ପ୍ରତିନିଧିଙ୍କୁ ଦଳରୁ ବାହାର କରି ପରାଜୟ ସ୍ୱୀକାର କରିଥିଲେ । ଏବେ କୈଳାସଙ୍କୁ ହତାଦାର କରି ଆଗାମୀ ନିର୍ବାଚନରେ ଯଦି ପୁରୁଣା ନେତା ପ୍ରାର୍ଥୀ ହୁଅନ୍ତି ତେବେ ସେହି ଦଶା ଭୋଗିବେ ବୋଲି ଚର୍ଚ୍ଚା ହେଉଛି । ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଜନତାଙ୍କ ସମ୍ମୁଖରେ ଆକ୍ରମଣ କରିବା ପଛର ମହା ଖଳନାୟକ କିଏ ବୋଲି ବ୍ରହ୍ମଗିରି ବଜାରରେ ଆଲୋଚନା ହେଉଛି । ଗତ ପଂଚାୟତ ନିର୍ବାଚନରେ ବୁଥ ଦଖଲ କରି ହିଂସାକାଣ୍ଡ ଘଟାଇଥିବା ନେତାଙ୍କୁ ଜନତା ଭଲଭାବେ ଚିହ୍ନିଛନ୍ତି । ବିଜେଡ଼ିର ଦୁଇ ଗୋଷ୍ଠୀ କନ୍ଦଳ ଯୋଗୁଁ ତୃତୀୟ ପକ୍ଷ ଲାଭ ଉଠାଇବା ସମ୍ଭାବନା ରହିଛି । କୈଳାସଙ୍କ ସଂଗଠନନ ଦେଖି ପୁରୁଣା ନେତା ଛାନିଆ ହୋଇପଡ଼ିଛନ୍ତି । କୈଳାସଙ୍କ ଆକ୍ରମଣ ସଂପର୍କରେ ଏବେ ସାମାଜିକ ଗଣମାଧ୍ୟମରେ ମୋବାଇଲକୁ ମୋବାଇଲ ଭାଇରାଲ ଚିତ୍ର ଦେଖି ବ୍ରହ୍ମଗିରି ଜନତା ବୁଝି ଗଲେଣି ବ୍ରହ୍ମଗିରିରେ କିଏ ଅଶାନ୍ତି ସୃଷ୍ଟି କରୁଛି । ଆଜି ବ୍ରହ୍ମଗିରିରେ ପୁରୁଣା ନେତା ବୈଠକ ଡ଼ାକିବାକୁ ନେଇ ସନ୍ଦେହରେ ଏବେ ଦୁଇ ଗୋଷ୍ଠୀ ରହିଛନ୍ତି । ବ୍ରହ୍ମଗିରିର କଳାପାହାଡ଼ କିଏ ବୋଲି ଜନତା ଏବେ ପ୍ରଶ୍ନ କରିଛନ୍ତି । ଏହି ଘଟଣା ପୁରୁଣା ନେତାଙ୍କ ପାଇଁ ମହଙ୍ଗା ପଡ଼ିବ ବୋଲି ଚର୍ଚ୍ଚା ହେଉଛି ।

## ଓଡ଼ିଶା କ୍ଷତ୍ରିୟ ଖଣ୍ଡାୟତ ମହାସଂଘ ଭଦ୍ରକ ସମ୍ମିଳନୀର ପ୍ରସ୍ତୁତି ବୈଠକ

ଭଦ୍ରକ, (ପି.ଏନ): ପରାଧୀନତାର ଭାରତ ବର୍ଷକୁ ସ୍ୱାଧୀନତାର ସ୍ୱାଦ ଚଖାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଥିବା କ୍ଷେତ୍ରୀୟ ଓ ଖଣ୍ଡାୟତମାନେ ଆଜି ପୃଥିବୀର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଏହି ଆମ ଦେଶରେ ବିବିଧ ଭାବେ ସମସ୍ତ ସରକାରୀ ଓ ବେସରକାରୀ ସୁବିଧା ସୁଯୋଗରୁ ବଂଚିତ ହୋଇଆସୁଛନ୍ତି । ଏଭଳି ଏକ ମହାନ୍ ଯୋଦ୍ଧା ଜାତିର ପୂର୍ବସୁରୀମାନଙ୍କ ତ୍ୟାଗ ଓ ବଳିଦାନ ଆଜି ମଧ୍ୟ ହିମାଳୟ ଠାରୁ କନ୍ୟାକୁମାରୀ ଯାଏ ନିନାଦିତ ହୋଇଆସୁଥିବାବେଳେ ସେମାନଙ୍କ ବର୍ତ୍ତମାନର ବଂଶଧର ମାନେ ଯେଭଳି ରାଜନୈତିକ ଓ ପ୍ରଶାସନିକ ପଶାପାଲିର ଚକ୍ରବ୍ୟୁହରେ ନିର୍ଯ୍ୟାତିତ ହୋଇଆସୁଛନ୍ତି, ସେଥିରୁ ମୁକ୍ତି ପାଇବାକୁ ହେଲେ ଏହି ଜାତିର ସମସ୍ତ ଦାୟଦ ମାନେ ଏକଜୁଟ ହେବା ଆବଶ୍ୟକ ବୋଲି ଆଜି ଭଦ୍ରକ ସହରର ସାଳନ୍ଦୀ ଜଳସେଚନ ଡାକବଙ୍ଗଳାରେ ଆୟୋଜିତ ଓଡ଼ିଶା କ୍ଷତ୍ରିୟ ଖଣ୍ଡାୟତ ମହାସଂଘ ଭଦ୍ରକ ସମ୍ମିଳନୀର ପ୍ରସ୍ତୁତି ବୈଠକରେ ବକ୍ତାମାନେ ଆହ୍ୱାନ ଦେଇଛନ୍ତି । ଭଦ୍ରକ ଜିଲା କମିଟିର ମୁଖ୍ୟ ଆବାହକ ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକ ଆରମ୍ଭରେ କ୍ଷତ୍ରିୟ ଖଣ୍ଡାୟତଙ୍କ ଆୟୁଧ ଖଡ୍‌ଗକୁ ପୂଜା କରାଯିବା ପରେ ଭଦ୍ରକ ସଂଗଠକ ପ୍ରଭାତ ଜେନା ଗୀତାପାଠ କରିଥିଲେ । ଏହାପରେ ରାଜ୍ୟ ସଭାପତି ଅଶୋକ ଚନ୍ଦ୍ର ଲେଙ୍କା, ରାଜ୍ୟ ମୁଖ୍ୟ ସଂଗଠକ ଗଣେଶ କୁମାର ନାୟକ, ମୁଖ୍ୟ ଉପଦେଷ୍ଟା ବୀରେନ୍ଦ୍ର କୁମାର ରାୟ, ସଦସ୍ୟ ତପନ କୁମାର ବେହୁରା ଓ ଶଶିକାନ୍ତ ନାୟକ, ଭଦ୍ରକ କମିଟିର ଉପଦେଷ୍ଟା ବସନ୍ତ କୁମାର ନାୟକ, ଶାନ୍ତନୁ କୁମାର ରାଉତ, ସୁଧାକର ରାଉତ, ସଂଗଠକ ବାବୁଲା ରାଉତ, ପ୍ରିୟବ୍ରତ ନାୟକ, ଡ. ହରିହର ନାୟକ, ହରେକୃଷ୍ଣ ଜେନା, ଶଶଧର ସାମଲ, ପ୍ରସନ୍ନ କୁମାର ପ୍ରଧାନ, ସମୀର କୁମାର ଜେନା, ନିର୍ମଳ କୁମାର ରାଉତ, ହିମାଂଶୁ ଶେଖର ନାୟକ, ସୁଧାକର ଜେନା, ଜଗବନ୍ଧୁ ବେହେରା, ଶୁଭବ୍ରତ ରାୟ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ରାଜ୍ୟ ଜନସଂଖ୍ୟାର ପ୍ରାୟ ୨୦ ପ୍ରତିଶତ କ୍ଷତ୍ରିୟ ଖଣ୍ଡାୟତ ଥାଇ ସଂଗଠିତ ହୋଇନପାରିବାରୁ ସାଲିସ ବିହୀନ ଏ ଲଢୁଆ ଜାତି ଅନ୍ୟମାନଙ୍କ ଦୟାର ପାତ୍ର ହେଉଛି ବୋଲି କହିଥିଲେ । ଏବଂ ଆଗାମୀ ଦିନରେ ପ୍ରତି ବ୍ଲକ୍ ଓ ପଞ୍ଚାୟତରେ କ୍ଷତ୍ରିୟ ଖଣ୍ଡାୟତମାନଙ୍କୁ ସଂଗଠିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ଭଦ୍ରକ ଜିଲାର ବିଭିନ୍ନ ବ୍ଲକ୍‌ରୁ କ୍ଷତ୍ରିୟ ଖଣ୍ଡାୟତର ଛାମୁଆ ସଂଗଠକମାନେ ଯୋଗଦେଇ ଜିଲା ସମ୍ମିଳନୀ ସଂପର୍କରେ ଆଲୋଚନା କରିଥିଲେ । ଶେଷରେ ସଂଗଠକ ବାବୁଲା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ ।ୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତ୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

## କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

## ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି । ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

## କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଲବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

## କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରିକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙ୍ଗ୫ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଌକ୍ତଙ୍କକ୍ଟଶ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।




# ଭଦ୍ରକରେ ଶତାଧିକ ବର୍ଷର ପ୍ରସିଦ୍ଧ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜୋତ୍ସବ ପାଳିତ

ଭଦ୍ରକ, (ପି.ଏନ): ଭଦ୍ରକ ସହର ଅନ୍ତର୍ଗତ ଠାକୁର ଅନନ୍ତ ନାରାୟଣ ମାର୍ଗ, ନରିପୁର (ଅସ୍ତଳ) ଗ୍ରାମରେ ପ୍ରତିବର୍ଷ ପରି ଚଳିତ ବର୍ଷ ପବିତ୍ର 'ଅନନ୍ତ ବ୍ରତ' ଉପଲକ୍ଷେ ପ୍ରସିଦ୍ଧ ଠାକୁର ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଉତ୍ସବ, ଭଜନ ଓ ବିଭିନ୍ନ କାର୍ଯ୍ୟକ୍ରମ ସାତ ଦିନ ବ୍ୟାପୀ ନିରାଡ଼ମ୍ବରରେ ପାଳିତ ହୋଇ ଯାଇଛି । ଏହି ଉତ୍ସବ ସାର୍ବଜନୀନ ଓ ଗଣପର୍ବ ରୂପ ନେଇ ଶହେ ବର୍ଷରୁ ଉର୍ଦ୍ଧ୍ୱଧରି ଭକ୍ତି ଓ ନିଷ୍ଠାର ସହ ପାରମ୍ପରିକ ରୀତିରେ ପୁରଷାନୁକ୍ରମେ ପାଳିତ ହୋଇ ଆସୁଅଛି । ସାଳନ୍ଦୀ ନଦୀରେ କଳସ ବୁଡ଼ା ଯାଇ ଜଳ ଅଣାଯିବା ପରେ ଘଟ, ପୂଜା,ପାଠ, ହୋମ ଓ ପୂଜାର୍ଚ୍ଚନା ଆଦି ପ୍ରଭୁଙ୍କ ନୀତିକାନ୍ତି ପରମ୍ପରା ଅନୁଯାୟୀ ସମ୍ପନ୍ନ ହୋଇଥିଲା । ବାଙ୍ଗାଲୋର ଓ କୋଲକାତାରୁ ଆସିଥିବା କାରୀଗରଙ୍କ ଦ୍ୱାରା ବିଭିନ୍ନ କିସମର ସୁବାସିତ ପୁଷ୍ପମାଲ୍ୟରେ ବିଗ୍ରହଙ୍କୁ ସୁସଜ୍ଜିତ କରାଯାଇ ମନ୍ଦିରର ଶୋଭାବର୍ଦ୍ଧନ କରାଯାଇଥିଲା । ମହାପ୍ରଭୁଙ୍କ 'ଅନନ୍ତ ଶୟନ'ଦୃଶ୍ୟ ଚି ।କର୍ଷକ ହୋଇଥିବାରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଶ୍ରଦ୍ଧାଳୁ ମାନେ ଦର୍ଶନ କରିଥିଲେ । ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ପୂଜାରେ ପଣ୍ଡିତ ସହଦେବ ପଣ୍ଡା, ପଣ୍ଡିତ ଗୋବର୍ଦ୍ଧନ ଦାଶ ପୂଜାପାଠ କରିଥିଲେ । ଏଠାକୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ରତଧାରୀ ମହିଳାମାନେ ଉପବାସ କରି ମନ୍ଦିରରେ ନାଗ ଓ ବ୍ରତପୂଜା କରିଥିଲେ । ଏହା ଏକ ସାର୍ବଜନୀନ ଗଣପର୍ବର ରୂପ ନେଇଥିବାରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଭକ୍ତମାନେ ପ୍ରଭୁଙ୍କୁ ଦର୍ଶନ କରି ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ । ମନ୍ଦିର ପ୍ରତିଷ୍ଠାତା ରାଜ୍ୟଗୋପବନ୍ଧୁ ପୁରସ୍କାରପ୍ରାପ୍ତ ସମାଜସେବୀ ସ୍ୱର୍ଗତ ସୁରେନ୍ଦ୍ର ଚନ୍ଦ୍ର ନାୟକ ଓ ସହଧର୍ମିଣୀ ୰ ହରିପ୍ରିୟା ନାୟକ ମୁଖ୍ୟ ସେବିକା ଭାବେ ଦୀର୍ଘ ବର୍ଷ ଧରି ପ୍ରଭୁଙ୍କୁ ପୂଜା କରି ଆସୁଥିଲେ । ପରେ ଜ୍ୟେଷ୍ଠପୁତ୍ର ଅମର ନାୟକ ମୁଖ୍ୟ ପୂଜାର୍କ । ଭାବେ ପୂଜା କରିଆସୁଥିବା ବେଳେ ନିକଟରେ ତାଙ୍କର ଦେହାନ୍ତ ଘଟିଛି । ପ୍ରଭୁ ଅନନ୍ତଙ୍କ ନିକଟରେ ଯିଏ ଯାହା ମାନସିକ କରେ ସେମାନଙ୍କର ମନକାମନା ପୂର୍ଣ୍ଣ ହୋଇଯାଏ ବୋଲି ବିଶ୍ୱାସ ରହିଥିବା କିମ୍ବଦନ୍ତୀ ରହିଛି । ଶହେବର୍ଷରୁ ଉର୍ଦ୍ଧ୍ୱ ଧରି ଧର୍ମୀୟ ପରମ୍ପରାକୁ ନେଇ ଅନନ୍ତ ନାଗ ବ୍ରତ ପୂଜା ଉତ୍ସବ ପାଳନ ହୋଇ ଆସୁଥିବା ବେଳେ ୧୯୭୯ ମସିହାରେ ସ୍ୱପ୍ନାଦେଶ ହେବାରୁ ତିହିଡ଼ି ଥାନା ପାଳିଆ ଗ୍ରାମର ମୂର୍ତ୍ତି କାରିଗର ବାବାଜୀ ପୃଷ୍ଟି ଅନନ୍ତ ଶଯ୍ୟା ବିଶିଷ୍ଟ ବିଗ୍ରହ ନିର୍ମାଣ କରି ପବିତ୍ର ଅକ୍ଷୟ ତୃତୀୟାରେ ମନ୍ଦିର ପ୍ରତିଷ୍ଠା ହୋଇ ଅଦ୍ୟାବଧି ଭକ୍ତି ନିଷ୍ଠାର ସହ ନରିପୁର ଅସ୍ତଳ ଗ୍ରାମରେ ଆଡମ୍ବର ସହକାରେ ଅଦ୍ୟାବଧି ପାଳିତ ହୋଇ ଆସୁଅଛି । ସନ୍ଧ୍ୟାରେ ପୂଜା ମଣ୍ଡପରେ ଗ୍ରାମାଞ୍ଚଳ ଥାନା ଜଳଙ୍ଗା କୁଆପଦାର ବାଲ୍ୟମଙ୍ଗଳା ଭଜନ ମଣ୍ଡଳୀର ଗାୟକ ସୁବାସ ମଣ୍ଡଳ, ଅକ୍ଷୟ ଜେନା, ଦୀପ୍ତିରାଣୀ ମଣ୍ଡଳ, କୃଷ୍ଣଚନ୍ଦ୍ର ରାଉତ, କରୁଣାକର ଜେନା, ଲକ୍ଷ୍ମୀଧର ରାଉତ, କୁଶ ଚିନ୍ନରା ପ୍ରମୁଖ ଭଜନ ପରିବେଷଣ କରିଥିଲେ । ପୂଜା ଉତ୍ସବରେ ଜିଲ୍ଲା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ, ସାଂସଦ ମଞ୍ଜୁଲତା ମଣ୍ଡଳ, ବିଧାୟକ ସଂଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସହରାଞ୍ଚଳ ବିକାଶ ପ୍ରକଳ୍ପ ନିର୍ଦ୍ଦେଶକ ମାନସ ରଂଜନ ରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବରିଷ୍ଠ ଡାକ୍ତର ଆର୍.କେ. ନାୟକ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ଜେନା, ଡା. ବେଣୁଧର ସ୍ୱାଇଁ, ଶିଶୁ ସାହିତ୍ୟିକ ଶଶଧର ମହନୀ, ଶିକ୍ଷାବିତ୍ ବାଦଲ ମହାପାତ୍ର, ରବୀନ୍ଦ୍ର ଦାଶ, ପାରିଷଦ ଗୀତାଞ୍ଜଳୀ ଦାସ, ଆଶିଷ ଅମିତାଭ ମହାପାତ୍ର, ସୂର୍ଯ୍ୟ କୁମାର ଦାସ, ଇଂ ବାଣୀଶ୍ରୀ ନାୟକ, ଇଂ ସମରଦୀପ ଜେନାଙ୍କ ସମେତ ବହୁ ଆଇନଜୀବୀ, ସାମ୍ବାଦିକ, ପ୍ରଶାସନିକ ଅଧିକାରୀ, ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ ।

# ପାରାଦୀପରେ ବେନିୟନ୍ତ୍ରିତ ଟ୍ରାଫିକ ବ୍ୟବସ୍ଥା ସୁଧାରିବା ପାଇଁ ପୋଲିସର ପ୍ରଚେଷ୍ଟା

ପାରାଦୀପ,(ପି.ଏନ); ଦୀର୍ଘଦିନ ଧରି ବନ୍ଦର ସହର ପାରାଦୀପ ର ମୁଖ୍ୟ ପ୍ରବେଶ ପଥ ଅଠରବାଙ୍କି ଠାରୁ ଦୋଛକି ପର୍ଯ୍ୟନ୍ତ ରାସ୍ତା ରେ ଟ୍ରାଫିକ ଅବ୍ୟବସ୍ଥା ପାଇଁ ନୈନିକ ଛୋଟବଡ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ହେଲାଣି । ତେବେ ଏଥିରେ ସୁଧାର ଆଣିବା ପାଇଁ ପାରାଦୀପ ଡିଏସପି ସନ୍ତୋଷ କୁମାର ଜେନା ଙ୍କ ନେତୃତ୍ୱରେ ଆଦର୍ଶ ଥାନା ଅଧିକାରୀ ଓ ପୋଲିସ ଅଠରବାଙ୍କି ଟ୍ରାଫିକ ଛକ ଠାରେ ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟ ଆରମ୍ଭ କରିଛନ୍ତି କ୍ଷ ଓଭର ଟେକିଙ୍ଗ, ଦ୍ରୁତ ବାଇକ ଚାଳନା ଓ ତିନିଜଣ ବାଇକ ରେ ବସି ଯାତ୍ରା କରିବା, ରଙ୍ଗ ସାଇଡ ରାସ୍ତାରେ ଗାଡି ଚାଳନା ଇତ୍ୟାଦି ଉପରେ ପୋଲିସ କଟକଣା ଲଗାଇବା ସହ ସମସ୍ତଙ୍କୁ ସତର୍କ ଓ ସଚେତନ କରିଥିଲା କ୍ଷ ସେହିପରି ବ୍ୟସ୍ତବହୁଳ ରାସ୍ତାରେ ଟ୍ରକ ପାର୍କିଙ୍ଗ ଉପରେ ପୋଲିସ ବାରଣ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ



ଚେତାବନୀ ଦେଇଥିଲା । ତେବେ ପୋଲିସ ର ଏପରି କାର୍ଯ୍ୟାନୁଷ୍ଠାନ ଫଳରେ ବୁଧବାର ଦିନ ଭୟରେ ଟ୍ରକ ର ଧାଡି ଭଙ୍ଗା, ରଙ୍ଗ ସାଇଡ ରାସ୍ତାରେ ଡ୍ରାଇଭିଂ ଓ ବେଆଇନ ପାର୍କିଙ୍ଗ ବନ୍ଦ ହୋଇଯାଇଥିବାର ଦେଖିବାକୁ ମିଳିଥିଲା । ତେବେ ପୋଲିସ ର ଏପରି କାର୍ଯ୍ୟକ୍ରମ ସବୁଦିନେ ଚାଲିଲେ ଟ୍ରାଫିକ ବ୍ୟବସ୍ଥାରେ ବହୁ ଉନ୍ନତି ସାଧିତ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ବାଲ୍ୟ ବିବାହ ନିଷେଧ ଅଭିଯାନ, ପାରମ୍ପରିକ ମୁଖିଆମାନଙ୍କୁ ନେଇ ସଚେତନତା ବୈଠକ

ଭଦ୍ରକ,(ପି.ଏନ): ବାଲ୍ୟ ବିବାହ ନିଷେଧ ପାଇଁ ସଚେତନତା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସଂସ୍କୃତି ଭବନ ଠାରେ ବିଶେଷ କରି ମୁସଲିମ୍ ଧର୍ମର ପାରମ୍ପରିକ ମୁଖିଆ ଭାବେ କାଜି, ମୌଲବୀ, ସର୍ଦ୍ଦାରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିଶୁ ମଙ୍ଗଳ କମିଟିର ଚେୟାରମ୍ୟାନ୍ ଦେବରାଜ ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର, ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ଚନ୍ଦ୍ରା ସାହୁ, ଆସିଆନାର ସମ୍ପାଦକ ସେକ୍ ସୋଫିଆ, ବାଲ୍ୟ ବିବାହ ନିଷେଦ୍ଧ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅସିମ୍ ଅମିତାଭ ଦାସ, ସମାଜସେବୀ ସେକ୍ ମହମ୍ମଦ ଫାରୁକ୍, ମୌଲବୀ ଅବଦୁଲ ମଜିଦ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବାଲ୍ୟ ବିବାହ ଯୋଗୁଁ ସମାଜରେ କୁପରିଣାମ ବିଷୟରେ ଆଲୋକପାତ କରିଥିଲେ । ବାଲ୍ୟବିବାହ ନିଷେଦ୍ଧ ନେଇ ରହିଥିବା ଆଇନ୍‌କୁ ୨୦୦୬ରୁ କଡ଼ାକଡ଼ି ଭାବେ ଲାଗୁ କରାଯାଇ ୨୦୩୦ ସୁଦ୍ଧା ବାଲ୍ୟ ବିବାହ ମୁକ୍ତ ଜିଲ୍ଲା ଓ ରାଜ୍ୟ ଘୋଷଣା କରାଯିବା ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା । ନିର୍ଦ୍ଧାରିତ ବୟସ ୧୮ବର୍ଷ ରୁ କମ୍ ଝିଅ ଓ ୨୧ ବର୍ଷରୁ କମ୍ ପୁଅର ବାହାଘର ହେଲେ ମାତୃ ଓ ଶିଶୁ ମୃତ୍ୟୁ ହାର କିପରି ବୃଦ୍ଧି ହୁଏ, ରୁଗ୍ଣ ଶିଶୁ ଜନ୍ମ ନେବା, ମାଆ ଓ ଛୁଆ ଉଭୟର ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଆର୍ଥିକ, ସାମାଜିକ ପାରିବାରିକ ବିଶୃଙ୍ଖଳା ସୃଷ୍ଟି ହେବା, ଏପରିକି ଏ ଘଟଣା ଦେଶର ମାନବ ସମ୍ବଳ ଉପରେ କିପରି କୁପ୍ରଭାବ ପକାଏ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏ ବୈଠକରେ ଯୋଗ ଦେଇଥିବା କାଜି, ମୌଲବୀ, ସର୍ଦ୍ଦାର ଆଦି ମାନଙ୍କ ଭଳି ଯେଉଁମାନଙ୍କ କଥା ସମାଜର ଲୋକେ ଶୁଣନ୍ତି ସେମାନେ ଏ ବିଷୟରେ ସଚେତନ ହୋଇ ସମାଜ ପାଇଁ ବାର୍ତ୍ତା ପ୍ରଦାନ କଲେ ନିଶ୍ଚେ ସୁଫଳ ମିଳିବ ବୋଲି ପ୍ରକାଶ କରାଯାଇଥିଲା । ଶିଶୁ ଶ୍ରମିକ, ଶିଶୁ ଚାଲାଣ, ଅଧାରୁ ପାଠ ଛାଡ଼ିବା, ନିଶା ଆଡ଼କୁ ମୁହାଁଇବା ଶିଶୁ ସମସ୍ୟା ଆଦି ମଧ୍ୟ ବାଲ୍ୟ ବିବାହର ଗୋଟିଏ ଗୋଟିଏ ପ୍ରଭାବକାରୀ ଘଟଣା ବୋଲି ମତ ପ୍ରକାଶ ପାଇଥିଲା । ବିଶେଷ କରି ମୋବାଇଲର ବହୁଳ ବ୍ୟବହାର ନେଇ ୧୫।୧୬ ବର୍ଷର ପୁଅ ଝିଅମାନେ ପରସ୍ପର ଭଲ ପାଇ ଘରୁ ପଳାଇ ଯାଉଥିବା ଘଟଣା ବେଶି ଦେଖା ଯାଉଥିବାରୁ ଏ ଦିଗ ପ୍ରତି ପ୍ରତ୍ୟେକ ବାପା ମାଆ ସଚେତନ ହେବା ଓ ପିଲାମାନଙ୍କ ଗତିବିଧି ଉପରେ ନଜର ରଖିବାର ବେଶୀ ଆବଶ୍ୟକ ଅଛି ବୋଲି ମତ ପ୍ରକାଶ ପାଇଥିଲା । ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ ଆଦି କୌଣସି ଧର୍ମାନୁଷ୍ଠାନରେ ବାଲ୍ୟ ବିବାହ କାର୍ଯ୍ୟ କରା ନଯିବା ନେଇ କଡ଼ା ପଦକ୍ଷେପ ନିଆଯିବା, ଫଳକ ଲଗାଯିବା, ପୁଅ, ଝିଅର ବୟସଗତ ପ୍ରମାଣ ପତ୍ର ସନ୍ଦେହ ଯୁକ୍ତ ହେଲେ ଅନୁସନ୍ଧାନ କରାଯିବା ଆଦି ପାଇଁ ପରାମର୍ଶ ପ୍ରଦାନ କରାଯାଇଥିଲା । ସି.ଡ଼ି.ପି. ଓ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ, ସଂପୃକ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଶିଶୁଯନ୍ ଅନୁଷ୍ଠାନ, ସ୍ୱଧାର ଗୃହ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, କଲେଜ ଆଦିର କର୍ମକର୍ତ୍ତା ଓ କର୍ମଚାରୀ ଓ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ ।

# ମହିଳା ଓ ଶିଶୁ ବିକାଶ ତାଲିମ କେନ୍ଦ୍ର ହେବ ଉତ୍କର୍ଷ ତାଲିମ କେନ୍ଦ୍ର

ଭୁବନେଶ୍ୱର, (ପି.ଏନ):ମହିଳାଙ୍କ ଦକ୍ଷତାର ବିକାଶରେ ଆଜି ଆମେ ଏକ ନୂଆ ଫର୍ଦ୍ଦ ଯୋଡିବା ପାଇଁ ଯାଉଛେ । ଓଡ଼ିଶା ସରକାର ମହିଳାମାନଙ୍କୁ ସେମାନଙ୍କ ଯୋଗ୍ୟତା ଆଧାରରେ କାର୍ଯ୍ୟ କରିବାର ସୁଯୋଗ ଦେବା ସହ ନିଷ୍ପତି ନେବା ପକ୍ରିୟାରେ ମଧ୍ୟ ସାମିଲ କରୁଛନ୍ତି । ମହିଳାମାନଙ୍କ ଅଧିକାରକୁ ସମ୍ମାନ ଜଣାଇ ରାଜ୍ୟର ଗଠନ ମୂଳକ କାର୍ଯ୍ୟରେ ମହିଳାମାନଙ୍କୁ ନିଯୋଜିତ କରାଯାଉଛି ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ ମତବ୍ୟକ୍ତ କରିଛନ୍ତି । ଭୁବନେଶ୍ୱର ସ୍ଥିତ ମହିଳା ଓ ଶିଶୁ ବିକାଶ ତାଲିମ କେନ୍ଦ୍ର (ଗୃହ ଅର୍ଥନୀତି ତାଲିମ କେନ୍ଦ୍ର) ରେ ଅନୁଷ୍ଠିତ ଏକ ବୈଠକରେ ମହିଳା ଶିଶୁ ବିକାଶ ବିଭାଗ ସହ ଗୋପବନ୍ଧୁ ପ୍ରଶାସନିକ ଏକାଡ଼େମୀ ଓ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପଂଚାୟତ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି । ଏହି ବୈଠକରେ ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ବର୍ତ୍ତମାନର ଯାନ୍ତ୍ରୀକ ଓ ବୈଷୟିକ ତାଲିମ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମହିଳା ଓ ଶିଶୁ ବିକାଶ ବିଭାଗ, ଗୋପବନ୍ଧୁ ପ୍ରଶାସନିକ ଏକାଡେମି ଓ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନର ମିଳିତ ସହଯୋଗରେ ମହିଳା ଓ ଶିଶୁ ବିକାଶ ତାଲିମ କେନ୍ଦ୍ରକୁ ଉତ୍କର୍ଷ ତାଲିମ କେନ୍ଦ୍ରରେ ରୂପାନ୍ତରିତ କରି ଗୁଣାତ୍ମକ ଶିକ୍ଷା ଓ ତାଲିମ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସ୍ଥିର କରାଯାଇଛି । ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମଙ୍କ ଉପସ୍ଥିତିରେ ମହିଳା ଓ ଶିଶୁ ବିକାଶ ତାଲିମ କେନ୍ଦ୍ରର ମୁଖ୍ୟ ପ୍ରଶିକ୍ଷିକା ଶ୍ରୀମତୀ ଏସ. ଜାଗୃତି ଓ ଗୋପବନ୍ଧୁ ପ୍ରଶାସନିକ ଏକାମୋିର ସ୍ୱତନ୍ତ୍ର ସଚିବ ତଥା ଅତିରିକ୍ତ ନିର୍ଦ୍ଦେଶକ ଆରାଧନା ଦାସ ଓ ରାଜ୍ୟ ଗ୍ରାମ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ଅତିରିକ୍ତ ସଚିବ ଧରଣୀଧର ନନ୍ଦ ଏହି ବୁଝାମୁଣା ପତ୍ରରେ ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ମହିଳା ଓ ଶିଶୁ ବିକାଶ ତାଲିମ କେନ୍ଦ୍ର ଉପରେ ଆଧାରିତ ଏକ ଭିଡ଼ିଓ ଫିଲ୍ମ ପ୍ରଦର୍ଶିତ ହୋଇଥିଲା । ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ସହ ଯୋଡି ହବା ଆମ ପାଇଁ ଏକ ଗୌରବର ବିଷୟ । ଏହି ବୁଝାମଣା ସ୍ୱାକ୍ଷର ହେବା ଦ୍ୱାରା ରାଜ୍ୟର ମହିଳାମାନଙ୍କର ପ୍ରଶାସନିକ ଦକ୍ଷତା ସହ ବୃତିଗତ ମନୋଭାବ ମଧ୍ୟ ସଶକ୍ତ ହେଇପାରିବ । ମହିଳା ଓ ଶିଶୁ ବିକାଶ ତାଲିମ କେନ୍ଦ୍ରକୁ ରାଜ୍ୟର ଏକ ଉତ୍କର୍ଷ ତାଲିମ କେନ୍ଦ୍ରରେ ରୂପାନ୍ତରିତ କରିବା ଦ୍ୱାରା ଅଙ୍ଗନବାଡି କର୍ମୀମାନେ ବିଷୟ ବିଶେଷଜ୍ଞ ଓ ଦକ୍ଷ ପ୍ରଶାସକ ଦ୍ୱାରା ତାଲିମ ପାଇପାରିବେ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ମତ ପ୍ରକାଶ କରିଛନ୍ତି । ଏହି ବୁଝାମଣା ଦ୍ୱାରା ପଂଚାୟତ ସ୍ତରରେ ମା'ମାନଙ୍କର କାର୍ଯ୍ୟଦକ୍ଷତାରେ ଉନ୍ନତି ଆସିବ ବୋଲି ରାଜ୍ୟ ଉନ୍ନୟନ ଓ ପଂଚାୟତରାଜ ପ୍ରତିଷ୍ଠାନର ଅତିରିକ୍ତ ସଚିବ ଧରଣୀଧର ନନ୍ଦ ଆଶା ପ୍ରକାଶ କରିଛନ୍ତି । ମିଳିତ ସହଯୋଗରେ ହିଁ ଆମେ ମହିଳା ଓ ଶିଶୁ ବିକାଶ ତାଲିମ କେନ୍ଦ୍ରକୁ ଉତ୍କର୍ଷ ତାଲିମ କେନ୍ଦ୍ର ର ରୂପାନ୍ତରିତ କରିପାରିବା ବୋଲି ତାଲିମ କେନ୍ଦ୍ରର ମୁଖ୍ୟ ପ୍ରଶିକ୍ଷିକା ଏସ. ଜାଗୃତି କହିଛନ୍ତି । ହି ଉତ୍ସବରେ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାରଣା ସ୍ୱାଗତ ଅଭିଭାଷଣ ରଖିଥିଲେ ଓ ଅନୁ ସଚିବ ଶ୍ରୀମତୀ ସ୍ୱଂୟପ୍ରଭା ମୁଦୁଲି ଧନ୍ୟବାଦ ଜ୍ଞାପନ କରିଥିଲେ ।

# ସଂସ୍କୃତି ବିଭାଗ ପକ୍ଷରୁ ଶ୍ରାଦ୍ଧୋତ୍ସବ ଅବସରରେ ନୀଳମଣି ରାଉତରାୟଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, (ପି.ଏନ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ନୀଳମଣି ରାଉତରାୟଙ୍କ ୧୯ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ଏଜି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡର ସଭ୍ୟ ଡଃ ପ୍ରସନ୍ନ କୁମାର ପାଟଶାଣୀ, ବିଧାୟକ ପ୍ରଫୁଲ୍ଲ ସାମଲ, ଅମର ପ୍ରସାଦ ଶତପଥୀ, ଅନନ୍ତ ନାରାୟଣ ଜେନା, ଓଡ଼ିଶା ମୋ ପରିବାରର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ, ସ୍ୱର୍ଗତ ରାଉତରାୟଙ୍କ ପୁତ୍ରବଧୂ ଜ୍ୟୋତି ରାଉତରାୟ, ନାତୁଣୀ ବୋହୂ ପ୍ରତିଟୀରଶ୍ମି ରାଉତରାୟ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ ନୀଳମଣି ବାବୁଙ୍କ ସଂଗ୍ରାମୀ ଜୀବନ, ରାଜନୈତିକ କାର୍ଯ୍ୟକଳାପ, ଶାସନ ଦକ୍ଷତା ସମ୍ପର୍କରେ ଆଲୋକପାତ କରି ଭଦ୍ରକ ଜିଲ୍ଲାର ମୁକୁନ୍ଦପୁରଠାରେ ଜନ୍ମନେଇ ଭଦ୍ରକ, କଲିକତା ଓ କଟକରେ ଶିକ୍ଷାଲାଭ କରିବା ସମୟରେ ପିଲାବେଳୁ ସ୍ୱାଧୀନତା ସଂଗ୍ରାମରେ ନିଜକୁ ଜଡ଼ିତ କରି ୧୨ ବର୍ଷ ବୟସରେ ଲବଣ ସତ୍ୟାଗ୍ରହରେ ଯୋଗଦେଇ କାରାବରଣ କରିଥିଲେ ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Friday October 06, 2023 ଭୁବନେଶ୍ବର ଶୁକ୍ରବାର, ଅକ୍ଟୋବର ୦୬,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

# ଭଗବତୀ କଲେଜ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ

## ୫ଲକ୍ଷ ୫୦ହଜାର ଟଙ୍କାର ବ୍ରାଉନ ସୁଗର ସହ ଅଭିଯୁକ୍ତ ଗିରଫ



ପୁରୀ, (ପି.ଏନ):କୋଣାର୍କ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇଁ ଭଗବତୀ କଲେଜ ନିକଟରେ ଚଢାଉ କରାଯାଇଛି। ଚଢାଉ ବେଳେ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ତା ନିକଟରୁ ୫୫ଗ୍ରାମ ବ୍ରାଉନ ସୁଗର ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗୋପ ଥାନା ଅଧୀନ ସାରଡା ଗ୍ରାମର ବବ୍ରୁବାହନ ମହାନ୍ତି(୩୩) ବୋଲି ସୂଚନା ମିଳିଛି। ସୂଚନା ମୁତାବକ,ପୁରୀ ଅବକାରୀ ଅଧିକ୍ଷକ ଜଗଦିଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ,ଅବକାରୀ ଅଧିକାରୀ ମମତା କୁମାରୀ ଦାଶଙ୍କ ନେତୃତ୍ୱରେ ଗୁରୁବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୋପ ଥାନା ଅଧୀନ ସାରଡା ଗ୍ରାମରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ଅବକାରୀ କର୍ମଚାରୀମାନେ ଅଭିଯୁକ୍ତ ବବ୍ରୁବାହନ ମହାନ୍ତିକୁ ମାଡିବସିବାରେ ସକ୍ଷମ ହୋଇଛନ୍ତି। ଅବକାରୀ କର୍ମଚାରୀମାନେ ୨ଜଣ ସାକ୍ଷୀଙ୍କ ଉପସ୍ଥିତିରେ ଅଭିଯୁକ୍ତ ନିକଟରୁ ୫୫ଗ୍ରାମ ବ୍ରାଉନ ସୁଗର ଜବତ କରିଛନ୍ତି। ଜବତ ବ୍ରାଉନ ସୁଗରର ବଜାର ମୂଲ୍ୟ ୫ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି। ଅବକାରୀ ଅଧିକାରୀ ମମତା କୁମାରୀ ଦାଶଙ୍କ ଅଭିଯୋଗକ୍ରମେ ଅଭିଯୁକ୍ତକୁ ଗିରଫ କରି ତା ବିରୋଧରେ ଏନ.ଡି.ପି.ଏସ ଆକ୍ଟ ଅନୁଯାୟୀ କେଶ ନଂ ୯୮/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଲୋକନାଥ ପାତ୍ର,ଏସକେ ଓ୍ୱାରିସ,ସବିତା ସାହୁ,ସଞ୍ଜୀବ ହସ୍ତୀ ଏବଂ ବିଶ୍ୱଜିତ ମହାପାତ୍ର ପ୍ରମୁଖ ଭାଗ ନେଇଥିଲେ ବୋଲି ସୂଚନା ମିଳିଛି।

# ଛତ୍ରପୁର ଡିଆରଡିଏ ଛକ ନିକଟରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସଭା ଆୟୋଜନ



ଛତ୍ରପୁର,(ପି.ଏନ): ଛତ୍ରପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ କମିଟି ପକ୍ଷରୁ ଛତ୍ରପୁର ଡିଆରଡିଏ ଛକ ନିକଟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଓ ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କୁ ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ଅନୁସୂଚିତ ସେଲ୍ ସଂଯୋଜକ ଶ୍ରୀ ଭାଗିରଥି ବେହେରା ଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ମାନେ ଯୋଗ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ପୂର୍ବତନ ସରପଞ୍ଚ ଟି. କ୍ରିଷ୍ଣା ରେଡ୍ଡୀ, ଗଞ୍ଜାମ ବ୍ଲକ ସଭାପତି ଗଣେଶ ରେଡ୍ଡୀ. ବ୍ରହ୍ମପୁର ଲୋକସଭା ମଣ୍ଡଳୀ ଯୁବ କଂଗ୍ରେସ ଗଣ ମାଧ୍ୟମ ସଂଯୋଜକ ମହେଶ କୁମାର ଗୌଡ଼, ଛାତ୍ର କଂଗ୍ରେସ ସଭାପତି ଚ଼କ୍ରପାଣି ପଲେଇ, ଭବାନୀ ବେହେରା,ବାବୁ ନାହାକ, ଅଶୋକ ପଟ୍ଟନାୟକ, ଗଣପତି ବାରିକ, କୁନି ନାୟକ,ହୃଷୀକେଶ ବେହେରା, ଆଦିତ୍ୟ ନାରାୟଣ ଦାସ, ଗଗନ ଦଳେଇ, ସାଗର ଦୋରା ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ପଡିଆବାହାଲରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଖପ୍ରାଖୋଲ,(ପିଏନ) : ଖପ୍ରାଖୋଲ ବ୍ଲକ୍ ପଡିଆବାହାଲ କ୍ଲଷ୍ଟର କେନ୍ଦ୍ର ସଂଯୋଜକ ସନାତନ ବାରିକ ଙ୍କ ଅଧ୍ୟକ୍ଷତା ରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ପୂର୍ବତନ ସରପଞ୍ଚ ତଥା ପୂର୍ବତନ ସମିତି ସଭ୍ୟ ଶ୍ରୀ ରଘୁନାଥ ସିଂ ବରିହା, ସମ୍ମାନିତ ଅତିଥି ଭାବରେ ପ୍ରଧାନ ଶିକ୍ଷକ ଶ୍ରୀ ପଞ୍ଚାନନ କରନ୍, ଶ୍ରୀ ଲେକ୍ଚୁ ଧରୁଆ,ଶ୍ରୀ ଦେବରାଜ ବିଭାର ଏବଂ ପଡିଆବାହାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ଶ୍ରୀ ପ୍ରଦୀପ୍ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। ମଧ୍ୟାହ୍ନ ଭୋଜନ ପରେ ନାଚ୍ ,ଗୀତ ତଥା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରେ ଦ୍ୱିତୀୟ ଅଧିବେଶନ ଖୁବ୍ ମନୋରଂଜନ ଧର୍ମୀ ହୋଇ ପାରିଥିଲା। ପୁରସ୍କାର ବିତରଣ ଉତ୍ସବ ରେ ସଭାପତି ରୂପେ ପତ୍ରାପାଲି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କୁନାରାମ ନନ୍ଦ ଯୋଗ ଦେଇଥିଲେ ଓ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଏହି କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ନୂଆପଡ଼ା,(ପି.ଏନ),୧୭ନୂଆପଡ଼ା ଜିଲ୍ଲା ବୋଡ଼ନ ବ୍ଲକ୍ ଅନ୍ତର୍ଗତ ବିନୋପୁର ଠାରେ ବିଜେଡି ର ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ ହୋଇଥିବାବେଳେ ଜିଲ୍ଲା ସାଧାରଣ ସମ୍ପାଦକ ତଥା ବିଜେଡି ଖଡିଆଲ ବିଧାୟକ ପ୍ରାର୍ଥୀ ଲମ୍ବୋଦର ନିଆଲ ଙ୍କ ନେତୃତ୍ୱରେ ଏକ ବିଶାଳ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ରେ ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝୀ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ଅମିତ କୁମାର ସିଂହଦେଓ, ଜିଲ୍ଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା, ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ ,ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ବୋଡ଼ନ ବ୍ଲକ୍ ସଭାପତି ଲୋକନାଥ ଛତ୍ରିଆ,ଶେଫାଳି ସଲମା, ସରସ୍ୱତୀ ବାଗ, ମୀନତି କାଣ୍ଡ, ଅନ୍ତରାମ ଚ଼ିନ୍ଦା, ମହମ୍ମଦ ଇମ୍ରାନ, ମହମ୍ମଦ ରେହେମାନ୍, ଅମୂଲ୍ୟ ହାତୀ ମନୋଜ ହଂସ, ରାଜୁ ସାହା ,ରମେଶ ଦଣ୍ଡସେନା, ସରୋଜ ମାଝୀ, ଭୋଳା ନାଗ ତଥା ଶତାଧିକ ବିଜେଡି ନେତା ଓ କର୍ମୀ ପଦଯାତ୍ରା କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିବା ବେଳେ ଏହା ବିନୋପୁର୍ ଠାରୁ ବୋଡ଼ନ ଦେଇ ପାତାଳଗଙ୍ଗା ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ।

# ପୂର୍ତ୍ତବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ



ନିମାପଡ଼ା,(ପି. ଏନ) :ଗୁରୁବାର ଦିନ ପୁରୀ ଜିଲ୍ଲା ନିମାପଡ଼ା ସ୍ଥିତ ପୂର୍ତ୍ତ ବିଭାଗର ଡ଼ାକବଙ୍ଗଳା ଠାରେ ବିଭାଗ ର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ରେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ, ପୂର୍ତ୍ତ ବିଭାଗ ସି ସି ଅଜିତ କୁମାର ମହାପାତ୍ର, ଏ ସି ରଶ୍ମି ରଂଜନ ସାହୁ, ସହକାରୀ ଯନ୍ତ୍ରୀ କୁଶଲ ହେମ୍ବ୍ରମ ପ୍ରମୁଖ ଯୋଗଦାନ କରିଥିଲେ। ବିଭାଗ ପକ୍ଷରୁ ଶିଳାନ୍ୟାସ କରାଯାଇଥିବା ବିଭିନ୍ନ ରାସ୍ତା ନିର୍ମାଣ ର ଅଗ୍ରଗତି ସମ୍ପର୍କରେ ବିଧାୟକ ବିଭାଗୀୟ ଯନ୍ତ୍ରୀ ମାନଙ୍କ ଠାରୁ ପଚ଼ାରି ବୁଝିଥିଲେ। ଯଥା ଶୀଘ୍ର ନିମାପଡ଼ା ଏନଏସି ଅଞ୍ଚଳ ରେ ପ୍ରସ୍ତାବିତ ୪ ଥାକିଆ ରାସ୍ତା କାର୍ଯ୍ୟ ଆରମ୍ଭ କରିବାକୁ ବିଧାୟକ ଶ୍ରୀ ଦାଶ ନିର୍ଦ୍ଦେଶ ଦେବା ସହିତ ନିମାପଡ଼ା ସ୍ୱୟଂଶାସିତ କଲେଜ ରେ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କ ରେ ସମୀକ୍ଷା କରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପୂର୍ତ୍ତ ବିଭାଗ ର ସମସ୍ତ ରାସ୍ତା ଓ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବୈଠକ ରେ ଉପସ୍ଥିତ ଯନ୍ତ୍ରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘର ଏକଦିବସୀୟ ଧର୍ମଘଟ

ନୂଆପଡ଼ା:ବିରବଲ ପ୍ରଧାନ,(ପି.ଏନ): ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ସିନାପାଲି ଉପ ଡାକଘର ର ସମସ୍ତ ଶାଖା ଡାକଘର ର ଡାକ ମାଷ୍ଟର ଙ୍କ ମିଳିତ ଉଦ୍ୟମ ରେ ଏକ ଦିବସୀୟ ଧର୍ମଘଟ ଅନୁଷ୍ଠିତ ହୋଇ ଯାଇଛି । ଏହି ଧର୍ମଘଟ ରେ ବିଭିନ୍ନ ଦାବି ନେଇ ନିଜ ଉପଡ଼ାକଘର ସାମ୍ନା ରେ ଧାରଣା ରେ ବସିଛନ୍ତି। ଦାବି ଗୁଡ଼ିକ ହେଲା : ଗ୍ରାମୀଣ ଡାକ ସେବକ ମାନଙ୍କୁ ୫ ଘଣ୍ଟା ପରିବର୍ତ୍ତ ? ୮ ଘଣ୍ଟା କାର୍ଯ୍ୟ ନିର୍ଘଣ୍ଟ କରା ଯାଉ,ଗ୍ରାଚ୍ୟୁଟି ୧.୫ ଲକ୍ଷ୍ୟ ପରିବର୍ତ୍ତ ? ୫ ଲକ୍ଷ୍ୟ ପ୍ରଦାନ କରା ଯାଉ, ୯.ଉ.ଈ.୯ ଦେୟ ୩% ପରିବର୍ତ୍ତ ? ୧୦% କରା ଯାଉ, ଏମିତି ଆଉ ବିଭିନ୍ନ ଦାବି ନେଇ ଧାରଣା ରେ ବସିଛନ୍ତି। ଏହି ଧାରଣା ରେ ସିନାପାଲି ଗ୍ରାମୀଣ ଡାକ ସେବକ ସଂଘ ସଭାପତି ଶ୍ରୀଯୁକ୍ତ ହରକିଶୋର ଦଣ୍ଡସେନା ଙ୍କ ସମେତ ନବକୃଷ୍ଣ ପ୍ରଧାନ , ଭୂତନାଥ ମାଝୀ, ଜଗମୋହନ ବାଗ, ଦୁର୍ଯ୍ୟୋଧନ ଗୁଆଲ ଏବଂ ଯୁବ ଡାକ କର୍ମଚ଼ାରୀ ନରେଶ କୁମାର ସା , ଦୀପକ ନାଏକ , ଜ୍ଞାନରଞ୍ଜନ ରଣା , କୈଳାସ ଧରୁଆ, ଯଦୁମଣି ଲୋହାର , ଚ଼ିନ୍ମୟ ନାଗ ପ୍ରମୁଖ ସମସ୍ତ ଡାକ କର୍ମଚ଼ାରୀ ଧାରଣା ରେ ଯୋଗ ଦେଇଥିଲେ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁଟୁଖା ବିକ୍ରେତାଙ୍କ ଉପରେ ଚଢଉ;ଜୋରିମାନା ଆଦାୟ

ପୁରୀ,(ପି.ଏନ):୨୦୧୩ ମସିହାରୁ ରାଜ୍ୟ ସରକାର ଗୁଟୁଖା ଉତ୍ପାଦନ,ଗଚ୍ଛିତ ଏବଂ ବିକ୍ରି ଉପରେ କଟକଣା ଜାରୀ କରିଛନ୍ତି। କିନ୍ତୁ କଟକଣା ସତ୍ୱେ ବନ୍ଦ ହେଉନି ଗୁଟୁଖା ଉତ୍ପାଦନ କିମ୍ବା ବିକ୍ରି। କିଛି ତଳିଆ କର୍ମଚାରୀଙ୍କୁ ହାତ କରି ସବୁକିଛି ଖୁଲମଖୁଲା ଚାଲିଛି। ୧୮ବର୍ଷରୁ କମ ବୟସର ପିଲାମାନଙ୍କୁ ତମାଖୁ ଜନିତ ପଦାର୍ଥ ବିକ୍ରି ନ କରିବା ପାଇଁ ସରକାର କଟକଣା ଲାଗୁ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ୫ତାରିଖ ଦିନ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧିନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀ ମ୍ୟୁନିସପାଲଟି ଅଚଂଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଅଚଂଳରେ ଥିବା ବିଭିନ୍ନ ଦୋକାନରେ ଚଢଉ କରାଯାଇଥିଲା। ଚଢାଉ ବେଳେ ବିଭିନ୍ନ ପାନ ମସଲା ଦୋକାନରୁ ଗୁଟୁଖା ଜବତ କରିବା ସହ ୨ହଜାର ୬ଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଦାୟ କରାଯାଇଥିଲା। ଏହି ଚଢାଉ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଶୋକ କୁମାର ମିଶ୍ର,ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ବେଦଶ୍ରୀ ସାହୁ,ଅବକାରୀ ଅଧିକାରୀ,ଜିଲ୍ଲା ତମାଖୁ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ବିଶ୍ୱାଳ ଭାଗ ନେଇଥିଲେ। ଗୁଟୁଖା ବେପାରକୁ ସମ୍ପୁର୍ଣ୍ଣ ବନ୍ଦ କରିବା ସହ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ନିକଟରେ ଗୁଟୁଖା ବିକ୍ରି କରିବାର ଦେଖାଦେଲେ,ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚଢଉରେ ସାମିଲ ଅଧିକାରୀମାନେ ଚେତାବନୀ ଦେଇଥିଲେ।

# ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ ହେଲେ ଦ୍ୱିବେଦୀ ବ୍ରଦର୍ସ



ଅନୁଗୋଳ,(ପି.ଏନ): ବିଜେଡିର ଦୁଇ ଯୁବ ନେତା ଦ୍ୱିବେଦୀ ବ୍ରଦର୍ସଙ୍କୁ ଦଳ ବିରୋଧୀ କାର୍ଯ୍ୟ ଦର୍ଶାଇ କରାଯାଇଛି ସସପେଣ୍ଡ । ଅନୁଗୋଳ ବିଧାୟକ ତଥା ଉପ ବାଚ଼ସ୍ପତି ରଜନୀକାନ୍ତ ସିଂହଙ୍କର ଖାସ୍ ଅନୁଗତ କୁହାଯାଉଥିବା ଏହି ଦ୍ୱିବେଦୀ ବ୍ରଦର୍ସ ଜିଲ୍ଲା ତଥା ରାଜ୍ୟରେ ନିଜର ପତିଆରା ବଢାଇ ଚ଼ାଲିଥିଲେ କ୍ଷ ହେଲେ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜୁ ଜନତା ଦଳ ତରଫରୁ ଦୁଇ ଭାଇଙ୍କୁ ବିଜେଡିର ସାଂଗଠନିକ ସମ୍ପାଦକ ଶ୍ରୀ ପ୍ରଣବ ପ୍ରକାଶ ଦାସ (ବବି) ସସପେଣ୍ଡ କରିଛନ୍ତି । ସୁଜିତ୍ କୁମାର ଦ୍ୱିବେଦୀ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଥିବାବେଳେ ଅଜିତ୍ କୁମାର ଦ୍ୱିବେଦୀ ଅନୁଗୋଳ ନିର୍ବାଚ଼ନମଣ୍ଡଳୀର ଯୁବ ସଭାପତି ରହିଥିଲେ । ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିବା ଏହି ଦୁଇ ଭାଇ ଅନୁଗୋଳ ବିଧାୟକଙ୍କର ଖାସ୍ ଅନୁଗତ ଥିଲେ । ବିଧାୟକଙ୍କ ଖାସ୍ ଅନୁଗତ ହୋଇଥିବାରୁ ଜିଲ୍ଲାରେ ମଧ୍ୟ ନିଜର ଦବ୍ ଦବା ରଖିଥିଲେ । କିନ୍ତୁ ବିଧାୟକ କିମ୍ବା ଜିଲ୍ଲା ବିଜେଡି ସଭାପତି ଦଳ ବିରୋଧୀ କାର୍ଯ୍ୟ ପାଇଁ ରାଜ୍ୟ ନେତୃତ୍ୱକୁ କୌଣସି ସୂଚ଼ନା ଦେଇ ନଥିବା ବେଳେ ଏହି ଦୁଇ ଭାଇଙ୍କୁ ଦଳରୁ ନିଲମ୍ବିତ କରିବା ବିଧାୟକ ଗୋଷ୍ଠୀ ମଧ୍ୟରେ ଛନକା ପଶି ଯାଇଛି । ବିଧାୟକ ଗୋଷ୍ଠୀ ଖୋଜି ବୁଲୁଛନ୍ତି ନିଲମ୍ବନର କାରଣ । କିନ୍ତୁ ବିଧାୟକ ଗୋଷ୍ଠୀ ଓ ସାଂସଦ ଗୋଷ୍ଠୀ ମଧ୍ୟରେ ମତାନ୍ତର, ମନାନ୍ତର ଲାଗି ରହିଥିବାରୁ ଏହି କାର୍ଯ୍ୟ ସାଂସଦ ଗୋଷ୍ଠୀ ତରଫରୁ ରାଜ୍ୟ ନେତୃତ୍ୱଙ୍କ ପାଖରେ ଅଭିଯୋଗ ହୋଇଥାଇ ପାରେ ବୋଲି ବିଧାୟକ ଗୋଷ୍ଠୀ ଟୁପୁରୁ ଟାପୁରୁ ହେଉଛନ୍ତି । ଅନୁଗୋଳ ନିର୍ବାଚ଼ନ ମଣ୍ଡଳୀରେ ବିଧାୟକ ଓ ସାଂସଦ ଗୋଷ୍ଠୀଙ୍କ ମଧ୍ୟରେ ମତାନ୍ତର ଓ ମନାନ୍ତର ନୂଆ କଥା ନୁହେଁ । ପୂର୍ବତନ ସାଂସଦ ତଥାଗତ ଶତପଥୀଙ୍କ ସମୟରୁ ଏବେକାର ସାଂସଦ ମହେଶ୍ ସାହୁଙ୍କ ପର୍ଯ୍ୟନ୍ତ ବି ଚ଼ାଲୁଛି । ଯଦି ବିଧାୟକ ଗୋଷ୍ଠୀ ଓ ସାଂସଦ ଗୋଷ୍ଠୀ ମଧ୍ୟରେ ଯଦି ଏହି ଭଳି ବିବାଦ ଲାଗି ରହେ ତାହେଲେ ଆଗାମୀ ୨୦୨୪ ନିର୍ବାଚ଼ନରେ ଦଳ କିଭଳି ବିରୋଧୀ ମାନଙ୍କୁ ସାମ୍ନା କରିବ ତାହା ଏବେ ଚ଼ର୍ଚ୍ଚାର ବିଷୟ ପାଲଟିଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray